ଧରିତ୍ରୀ
DHARITRI
ସମ୍ବଲପୁର, ମଙ୍ଗଳବାର, ୨୯ ଜୁନ୍, ୨୦୨୧

## ମାଲଗାଡ଼ିରୁ ମୃତଦେହ ଜବତ

ଦେଓଗାଁ,(ଡି.ଏନ.ଏ): ବଲାଙ୍ଗୀର ଜିଲା ଦେଓଗାଁ ରେଳ ଷ୍ଟେଶନରେ ସୋମବାର ମାଲଗାଡ଼ିରୁ ସୋମବାର ଏକ ମୃତଦେହକୁ ଜିଆରପି ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ସକାଳେ ସମ୍ବଲପୁରରୁ ଏକ ମାଲଗାଡି ଟିଟିଲାଗଡ ଅଭିମୁଖେ ଯାଉଥିବା ବେଳେ ଦେଓଗାଁ ରୋଡଠାରେ ଅଟକିଥିଲା। ତେବେ ଉକ୍ତ ମାଲଗାଡିର ପଛବଗିରେ ଜଣେ ବ୍ୟକ୍ତି ମୃତ ଅବସ୍ଥାରେ ପଡିଥିବା କେତେକ ଯୁବକ ଦେଖି ସ୍ଥାନୀୟ ଷ୍ଟେଶନ ମାଷ୍ଟରଙ୍କୁ ଜଣାଇଥିଲେ। ତେବେ ଉକ୍ତ ବ୍ୟକ୍ତିଙ୍କ ପରିଚୟ ସ୍ପଷ୍ଟ ହୋଇ ନାହିଁ କିମ୍ବା ମୃତ୍ୟୁର କାରଣ ଜଣାପଡିନାହିଁ।



## ସଂକ୍ଷେପରେ

### ପ୍ୟାକ୍ସ ମୁଖ୍ୟ କାର୍ଯ୍ୟ ନିର୍ବାହୀ ନିଲମ୍ବିତ

ଜୁନାଗଡ, ୨୮।୬ (ଡି.ଏନ.ଏ.): କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ ଦାସିଗାଁ ପ୍ୟାକ୍ସ ମୁଖ୍ୟ କାର୍ଯ୍ୟ ନିର୍ବାହୀ ବିଷ୍ଣୁ ପ୍ରସାଦ ସାହୁଙ୍କୁ ପ୍ରଶାସନ ପକ୍ଷରୁ ନିଲମ୍ବିତ କରାଯାଇଛି। ମଣ୍ଡି ପରିଚାଳନାରେ ଅନିୟମିତତା ଅଭିଯୋଗରେ ତାଙ୍କୁ ନିଲମ୍ବିତ କରାଯାଇଛି। ଦାସିଗାଁ ପ୍ୟାକ୍ସ ଅଧୀନ ମଣ୍ଡିରେ ଚାଷୀଙ୍କ ଟୋକନ ଲାପ୍ସ ସମସ୍ୟା ଦେଖାଦେଇଥିଲା। ଯାହାକୁ ନେଇ ସ୍ଥାନୀୟ ଚାଷୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଥିଲା। ଚାଷୀଙ୍କ ଅଭିଯୋଗ ପରେ ଧର୍ମଗଡ଼ ଉପଜିଲାପାଳ ଦିବାକର ଟିଏସ ଏହାର ତଦନ୍ତ କରିଥିଲେ। ତଦନ୍ତ ପରେ ଅନିୟମିତତା ହୋଇଥିବା ଜାଣାପଡ଼ିଥିଲା। ଏହାପରେ ପ୍ରଶାସନ ପକ୍ଷରୁ ତାଙ୍କୁ ନିଲମ୍ବିତ କରାଯାଇଥିଲା।

### କାମରେ ଲାଗୁନି ଛାତ୍ରୀନିବାସ

ବାଉଁଶୁଣୀ,୨୮।୬ (ଡି.ଏନ.ଏ): ବୌଦ୍ଧ ବ୍ଲକ ପଦ୍ମନପୁର ପଞ୍ଚାୟତ ଅଧୀନ ବୁଢ଼ିପଦର ପୂର୍ଣ୍ଣଚନ୍ଦ୍ର ଉଚ୍ଚବିଦ୍ୟାଳୟ ପରିସରରେ ହରିଜନ ଓ ଆଦିବାସୀ ବିଭାଗ ପକ୍ଷରୁ ଶହେ ଶଯ୍ୟା ବିଶିଷ୍ଟ ଛାତ୍ରୀନିବାସ ନିର୍ମିତ ହୋଇଥିଲା। ଏହି ଛାତ୍ରୀନିବାସ ନିର୍ମାଣର ୪ବର୍ଷ ବିତିଯାଇଥିଲେ ମଧ ଅଦ୍ୟାବଧି କାର୍ଯ୍ୟକ୍ଷମ ହୋଇପାରିନାହିଁ। ଏଯାଏ ଏହି କୋଠାକୁ ବିଦ୍ୟୁତ୍ ସଂଯୋଗ କି ପାଚେରୀ ନିର୍ମାଣ ହୋଇନାହିଁ। କୋଠରୀ ଚାବି ହସ୍ତାନ୍ତର ହୋଇ ନ ଥିବାରୁ ଛାତ୍ରୀନିବାସ କାମରେ ଲାଗି ପାରୁନାହିଁ । ଜିଲା ପ୍ରଶାସନ ଏ ଦିଗରେ ଦୃଷ୍ଟି ଦେବାକୁ ଦାବି ହେଉଛି।

### ଜୀମୂତ ମଙ୍ଗରାଜଙ୍କ ବିୟୋଗରେ ଶୋକସଭା

ବୌଦ୍ଧ,୨୮।୬(ସ୍ବ.ପ୍ର): ବରିଷ୍ଠ ସାମ୍ବାଦିକ ଜୀମୂତ ମଙ୍ଗରାଜଙ୍କ ଦୁର୍ଘଟଣାଜନିତ ମୃତ୍ୟୁରେ ଶୋକ ପ୍ରକାଶ ପାଇଛି। ଏହି ଅବସରରେ ସୋମବାର ବୌଦ୍ଧ ଜିଲା ସାମ୍ବାଦିକ ସଂଘ ପକ୍ଷରୁ ସଭାପତି ରତ୍ନାକର ବେହେରାଙ୍କ ଅଧ୍ୟକ୍ଷତାରେ ସଂଘ ଅଫିସ୍‌ରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଖବରଦାତା ରବିନ୍ଦ୍ର କୁମାର ରାଉତ, ଶଶାଙ୍କ ଶେଖର ମିଶ୍ର ଓ ସମ୍ପାଦିକା ପ୍ରଣତୀ ପଣ୍ଡା ସ୍ୱର୍ଗତ ମଙ୍ଗରାଜଙ୍କ ସ୍ମୃତିଚାରଣ କରିଥିଲେ। ପ୍ରମୋଦ କୁମାର ବାଘ, କୃଷ୍ଣଗୋପାଳ ମେହେର, ଅଜିତ କୁମାର ବାରିକ, ବନମାଳି ପ୍ରଧାନ, ଧବଳେଶ୍ୱର ମହାପାତ୍ର, ରବିନ୍ଦ୍ର କୁମାର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

### ବୋଲେରୋ ସହ ଗଞ୍ଜେଇ ଜବତ ଘଟଣା: ୨ କୋର୍ଟ ଚାଲାଣ

କେସିଙ୍ଗା, ୨୮।୬ (ଡି.ଏନ.ଏ.): କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ଆମଠ ଛକ ନିକଟରେ ବୋଲେରୋ ସହ ଗଞ୍ଜେଇ ଜବତ ଘଟଣାରେ ପୋଲିସ ୨ ଜଣଙ୍କୁ ସୋମବାର ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ୨ ଜଣ ହେଲେ ଦ୍ୟାନନ୍ଦ ଛତ୍ରିଆ (୩୨) ଓ ଜୟରାମ ଆଡା (୩୨)। ସେମାନଙ୍କଠାରୁ ନଗଦ ୭୪୦ ଟଙ୍କା, ଦୁଇଟି ମୋବାଇଲ, ଡ୍ରାଇଭର ଲାଇସେନ୍ସ, ରେଜିଷ୍ଟ୍ରେଶନ କାର୍ଡ, ଇନ୍ସୁରାନ୍ସ କାର୍ଡ, ଏକ ବୋଲେରୋ (ନଂ.ଓଆର୍ ୨୬ଏ- ୬୭୦୦) ସହ ୮୯ କେଜି ଗଞ୍ଜେଇ ଜବତ କରି କୋର୍ଟ ଚାଲାଣ କରାଯାଇଥିବା ଆଇଆଇସି ଏସ.କେ. ନନ୍ଦ ଏକ ପ୍ରେସ ବିବୃତ୍ତିରେ ସୂଚନା ଦେଇଛନ୍ତି। କେସିଙ୍ଗା ବ୍ଲକ ଅମାଠ ଛକ ନିକଟରେ ରବିବାର ଏକ ବୋଲେରୋ ସହ ଗଞ୍ଜେଇ ଚାଲାଣ କରାଯାଉଥିଲା। କୌଣସି ସୂତ୍ରରୁ ଖବର ପାଇ ଆମଠଛକରେ ବାଲିଗୁଡ଼ାରୁ ଆମଠ ଦେଇ ଖରିଆର ଯାଉଥିବା ଏକ ବୋଲେରୋ (ନଂ. ଓଆର୨୬ଏ-୬୭୦୦)କୁ ଅଟକାଇ ଯାଞ୍ଚ କରିଥିଲା। ଯାଞ୍ଚ ବେଳେ ଗାଡିରୁ ୭୯ କିଗ୍ରା ଗଞ୍ଜେଇ ଜବତ କରିଥିବା ପୋଲିସ ଦୁଇ ଜଣଙ୍କୁ ଗିରଫ କରିଥିଲା।

### ଗାଁ ସାଥୀ ସଂଘର ଦାବିପତ୍ର

ନୂଆପଡ଼ା ଅଫିସ,୨୮।୬: ନୂଆପଡା ଜିଲା ଗାଁ ସାଥୀ (ମେଟ) ସଂଘ ପକ୍ଷରୁ ସୋମବାର ଜିଲାପାଳ ସ୍ୱାଧାଦେବ ସିଂଙ୍କୁ ୬ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଛି। ୨୦୦୮ରେ ରାଜ୍ୟ ସରକାରଙ୍କ ଦ୍ୱାରା ନିଯୁକ୍ତ ଗାଁ ସାଥୀ ଜିଲାର ପ୍ରତି ରାଜସ୍ୱ ଗ୍ରାମରେ ଶ୍ରମିକମାନଙ୍କୁ ନେଇ ଏମ୍‌ଜିଏନ୍‌ଆରଇଜିଏସ୍ କାମ କରୁଛନ୍ତି। ହେଲେ ସେମାନଙ୍କ ସମସ୍ୟା ବିଷୟରେ ପ୍ରଶାସନ ଅଣଦେଖା କରୁଛି। ସରକାରଙ୍କ ନିର୍ଦ୍ଦେଶ ଅନୁସାରେ ମାସକୁ ୧୦ ଦିନ, ବର୍ଷକୁ ୧୦୦ ଦିନର କାର୍ଯ୍ୟ ସହିତ ମଜୁର, ପ୍ରତି ବ୍ଲକରୁ ଗାଁ ସାଥୀଙ୍କ ଡାଟାବେସ ଆଣି ପଞ୍ଚାୟତିରାଜ ବିଭାଗକୁ ପଠାଇବା ବ୍ୟବସ୍ଥା,ଏମ୍‌ଜିଏନଆରଇଜିଏସ୍‌ର ସମସ୍ତ ନିଜସ୍ୱ ଉପଭୋକ୍ତା କାମରେ ପ୍ରାପ୍ୟ ସହିତ ଗାଁ ସାଥୀଙ୍କୁ ସାମିଲ କରିବାକୁ ଦାବି କରାଯାଇଛି। ଏଥିସହ ଜିଲାର ଗାଁ ସାଥୀଙ୍କୁ ଅର୍ଦ୍ଧକୁଶଳୀ ପ୍ରାପ୍ୟ ଦେବାକୁ ବିଡିଓ, ଏପିଓଙ୍କୁ ଚିଠି କରାଯିବା ଏବଂ ସମସ୍ତ ଗାଁ ସାଥୀଙ୍କୁ ପରିଚୟପତ୍ର ପ୍ରଦାନ କରିବାକୁ ଦାବି କରାଯାଇଛି। ଦାବିପତ୍ର ପ୍ରଦାନ ବେଳେ ସଂଘ ସଭାପତି ଯାଦରାମ ମାଝି, ସମ୍ପାଦକ ରାମଚନ୍ଦ୍ର ଭୋଇ, ରାଜ କୁମାର ସିଂ ଠାକୁର, ପାତ୍ର ଶବର ପ୍ରମୁଖ ଉପସ୍ଥିତ ଥିଲେ।

# 'ମହାମାରୀ ସମୟରେ ବିସ୍ଥାପନ କରନାହିଁ'

- ଲୋୟର ସୁକ୍‌ତେଲ ଜଳସେଚନ ପ୍ରକଳ୍ପ
- ଗଣମାଧମ ଜରିଆରେ ନିବେଦନ କଲେ ଗ୍ରାମବାସୀ
- ତିନିଖଣ୍ଡ ଗାଁକୁ ବିସ୍ଥାପନ ନୋଟିସ

ବଲାଙ୍ଗୀର ଅଫିସ,୨୮।୬

ଆମେ ଲୋୟର ସୁକ୍‌ତେଲ ଡ୍ୟାମ ସପକ୍ଷବାଦୀ। ବିସ୍ଥାପନ ସଂକ୍ରାନ୍ତୀୟ ଅନେକ ସମସ୍ୟାର ସମାଧାନ ହୋଇନାହିଁ। ଏବେ କୋଭିଡ ମହାମାରୀ ସମୟ ଚାଲିଛି। ଏଭଳି ସମୟରେ ମୌଳିକ ଅଧିକାର କ୍ଷୁର୍ଣ୍ଣ କରନାହିଁ ବୋଲି ଲୋୟର ସୁକ୍‌ତେଲ ଡ୍ୟାମ ପ୍ରଭାବିତ ପରଧିଆପାଲି ଗ୍ରାମବାସୀ ଗୁହାରି ଜଣାଇଛନ୍ତି। ପରଧିଆପାଲିର ଏକ ପ୍ରତିନିଧି ବଲାଙ୍ଗୀର ଆସି ବିଭିନ୍ନ ଗଣମାଧମ ପ୍ରତିନିଧିଙ୍କ ଜରିଆରେ ଏଭଳି ନିବେଦନ କରି ମହାମାରୀ ଓ ବର୍ଷାଦିନରେ ଗାଁରୁ ବିସ୍ଥାପିତ ନ କରିବାକୁ କହିଛନ୍ତି।

ଦୁଇଦିନ ତଳେ ଜିଲା ପ୍ରଶାସନ ପକ୍ଷରୁ ପ୍ରକଳ୍ପ ପ୍ରଭାବିତ ପରଧିଆପାଲି, କୋଇଣ୍ଡାପାଲି ଓ ଖୁଣ୍ଟପାଲି ଗ୍ରାମରେ ଡାକବାଜି ଯନ୍ତ୍ର ଯୋଗେ ଗାଁ ଛାଡ ଚାଲିଯିବାକୁ ସର୍ବସାଧାରଣ ଘୋଷଣା କରାଯାଇଥିଲା। ଯେଉଁ ଗ୍ରାମବାସୀ ଥଇଥାନ ରାଶିର ଦ୍ୱିତୀୟ କିସ୍ତି ଓ ଅନୁକମ୍ପାମୂଳକ ରାଶି ଗ୍ରହଣ କରିସାରିଛନ୍ତି ସେମାନେ ତୁରନ୍ତ ଉପରୋକ୍ତ ତିନିଖଣ୍ଡ ଗାଁରେ ଥିବା ତାଙ୍କ ଘରଛାଡି ଅନ୍ୟତ୍ର ଚାଲିଯିବାକୁ କୁହାଯାଇଥିଲା। ଲୋୟର ସୁକ୍‌ତେଲ ପ୍ରକଳ୍ପ ଥଇଥାନ ଓ ପୁନର୍ବାସ ବିଭାଗ ପ୍ରକଳ୍ପ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ମୁତାବକ ପରଧିଆପାଲିର ପ୍ରାୟ ୭୦ପ୍ରତିଶତ ଲୋକଙ୍କୁ ଥଇଥାନ ରାଶିର ଦ୍ୱିତୀୟ କିସ୍ତି ଓ ଅନୁକମ୍ପାମୂଳକ ସହାୟତା ପ୍ରଦାନ କରାଯାଇଛି। ସେହିପରି କୋଇଣ୍ଡାପାଲିର ୨୬ ପ୍ରତିଶତ ଓ ଖୁଣ୍ଟପାଲିର ୧୫ପ୍ରତିଶତ ଲୋକଙ୍କୁ ଦ୍ୱିତୀୟ କିସ୍ତି ଥଇଥାନ ଟଙ୍କା ପ୍ରଦାନ କରାଯାଇଛି। ପରଧିଆପାଲିର ୨୯୦ ପରିବାର ମଧ୍ୟରୁ ପ୍ରାୟ ୨ ଶହ ପରିବାର ଟଙ୍କା ନେଇସାରିଥିବା ସୂଚନା ଦିଆଯାଇଛି। ତେବେ ଏହାକୁ ଗ୍ରାମବାସୀ ଖଣ୍ଡନ କରିଛନ୍ତି। ୪/୫ ଦିନ ତଳେ କେତେକ ଲୋକ ଥଇଥାନ ରାଶି ଓ ଅନୁକମ୍ପାମୂଳକ ସହାୟତା ଗ୍ରହଣ କରିଛନ୍ତି। ଏତେ କମ୍ ସମୟରେ ସେମାନେ କେଉଁଠି ଘର ତିଆରି କରିବେ ଏବଂ ମହାମାରୀ ସମୟରେ ସେମାନଙ୍କୁ କିଏ ଘରଭଡା ଦେବ ବୋଲି ପ୍ରଶ୍ନ କରିଛନ୍ତି। ସେମାନେ ଲିଖିତଭାବେ ଜଣାଇଛନ୍ତି ଯେ, ଜିଲାପାଳ ସେମାନଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରୁଛନ୍ତି। ବିସ୍ଥାପନ ପୂର୍ବରୁ ଜନଶୁଣାଣି କରାଯାଇ ପ୍ରତ୍ୟେକ ପରିବାର ଓ ବ୍ୟକ୍ତିବିଶେଷଙ୍କ ଗୁହାରି ଶୁଣିବା ନିୟମ ଥିଲେ ମଧ ଏହାକୁ ପାଳନ କରାଯାଉନାହିଁ। ଏନେଇ ଜିଲାପାଳ ଚଞ୍ଚଳ ରାଣାଙ୍କୁ ତାଙ୍କ ମୋବାଇଲ ନମ୍ବର ୯୪୩୭୦୨୩୩୮୧କୁ ଯୋଗାଯୋଗ କରାଯାଇଥିଲା। ହେଲେ ସଂଯୋଗ ହୋଇ ନ କରିବାରୁ ତାଙ୍କ ପ୍ରତିକ୍ରିୟା ମିଳିପାରିନାହିଁ। ଗତ ରବିବାର ରାତିରେ ପରଧିଆପାଲି ଗାଁରେ ପ୍ରଶାସନର ବିସ୍ଥାପନ ଅଭିଯାନକୁ ବିରୋଧ କରାଯିବ ବୋଲି ଅନୁଷ୍ଠିତ ବୈଠକରେ ନିଷ୍ପତ୍ତି ହୋଇଛି। ମଙ୍ଗଳବାରଠାରୁ ପ୍ରଶାସନ ପକ୍ଷରୁ ଗାଁରେ ବିସ୍ଥାପନ ପ୍ରକ୍ରିୟା ଆରମ୍ଭ ହେବ ବୋଲି କୁହାଯାଇଥିବା ଗ୍ରାମବାସୀ ଜଣାଇଛନ୍ତି। ଅନ୍ୟପକ୍ଷେ ସୁକ୍‌ତେଲ ଡ୍ୟାମ କାମ ଚାଲୁରହିଛି। ଏପର୍ଯ୍ୟନ୍ତ ଡ୍ୟାମର ସ୍ପିଲୱେ କାମ ୭୬ ପ୍ରତିଶତ ଓ ମାଟିବନ୍ଧ କାମ ୪୨ ପ୍ରତିଶତ ସରିଥିବା ଅଫିସ ସୂତ୍ରରୁ ଜଣାପଡିଛି।

### ସ୍ୱତନ୍ତ୍ର କୋର୍ଟ ଜରିଆରେ ଅଭିଯୋଗ ଶୁଣାଣି ଦାବି

**ଜିଲାପାଳଙ୍କୁ ଦାବିପତ୍ର ଦେଲେ ଜ୍ଞାନ ଗଡ଼ତ୍ୟାଙ୍କ ପରିବାର**

ବଲାଙ୍ଗୀର ଅଫିସ,୨୮।୬

ଲୋୟର ସୁକ୍‌ତେଲ ଜଳସେଚନ ପ୍ରକଳ୍ପ ପ୍ରଭାବିତ ପରଧିଆପାଲି ଗ୍ରାମର ଜ୍ଞାନ ଗଡତ୍ୟା (୮୦) ସୋମବାର ଜିଲାପାଳଙ୍କୁ ଏକ ଲିଖିତ ଦାବି ଜଣାଇ ତାଙ୍କର ଏବଂ ପରଧିଆପାଲି ଗ୍ରାମବାସୀଙ୍କ ବିସ୍ଥାପନ ସମ୍ବନ୍ଧୀୟ ଅଭିଯୋଗ ଶୁଣାଣି ଏକ ସ୍ୱତନ୍ତ୍ର କୋର୍ଟ ଜରିଆରେ କରିବାକୁ ନିବେଦନ କରିଛନ୍ତି। ଜ୍ଞାନ ଗଡତ୍ୟାଙ୍କ ପରିବାର ଏପର୍ଯ୍ୟନ୍ତ ଟଙ୍କାଟିଏ ମଧ କ୍ଷତିପୂରଣ ଗ୍ରହଣ କରିନାହାନ୍ତି। ସୁକ୍‌ତେଲ ଡ୍ୟାମକୁ ବିରୋଧ କରି ଏହି ପରିବାର ପ୍ରଶାସନଠାରୁ କ୍ଷତିପୂରଣ ରାଶି ଗ୍ରହଣ ନକରି ଚର୍ଚ୍ଚାରେ ରହିଛନ୍ତି। ଡ୍ୟାମର ଆକ୍ସିସ ଲାଇନ୍‌ରେ ଜ୍ଞାନ ଗଡତ୍ୟାଙ୍କ ପ୍ରାୟ ୧୭ ଏକର ଜମି ରହିଥିଲା। ୨୦୧୪ ମସିହାରେ ପ୍ରଶାସନ ଜୋର ଜବରଦସ୍ତି ପୋଲିସ ବଳ ପ୍ରୟୋଗ କରି ଉକ୍ତ ଜମି ଦଖଲ କରିବା ସହ ସେଠାରେ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲେ। ସେତେବେଳେ ଜ୍ଞାନଙ୍କ ଧାନ ଓ ଅନ୍ୟ ଫସଲ ଉଜୁଡି ଯାଇଥିଲା। ସେହିଦିନରୁ ଏହି ପରିବାର ପ୍ରଶାସନଠାରୁ କ୍ଷତିପୂରଣ ଟଙ୍କା ଗ୍ରହଣ ନକରି ଜାତୀୟ ମାନବିକ ଅଧିକାର କମିଶନ ଜରିଆରେ ନ୍ୟାୟ ଭିକ୍ଷା କରୁଛନ୍ତି। ଏହି ପରିବାରର ୧୯ ସଦସ୍ୟ ଗତ ୭ ବର୍ଷ ହେଲା ବହୁ କଷ୍ଟରେ ରହୁଛନ୍ତି। ଗଣତାନ୍ତ୍ରିକ ବିଧିବ୍ୟବସ୍ଥାରେ ଏବଂ ୨୦୧୩ ଭୂମି ଅଧିଗ୍ରହଣ ଆଇନ ଜରିଆରେ ଲୋକଙ୍କ ସମସ୍ୟା ସମାଧାନ କରିବାକୁ ସେ ଦାବି ଜଣାଇଛନ୍ତି।

# ପାନୀୟ ଜଳ ପ୍ରକଳ୍ପ ଶିଳାନ୍ୟାସ



ବିଧାୟକ ନରସିଂହ ମିଶ୍ର ପାନୀୟ ଜଳ ପ୍ରକଳ୍ପର ଶିଳାନ୍ୟାସ କରୁଛନ୍ତି।

ବଲାଙ୍ଗୀର ଅଫିସ, ୨୮।୬

ବଲାଙ୍ଗୀର ସଦର ବ୍ଲକ ଅନ୍ତର୍ଗତ ବରକାନି ପଞ୍ଚାୟତର ମାକରଚୁଆଁ ଗ୍ରାମରେ ସୋମବାର ଏକ ପାନୀୟ ଜଳ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି ବିଧାୟକ ନରସିଂହ ମିଶ୍ର। ଜଳ ଜୀବନ ମିଶନ କାର୍ଯ୍ୟକ୍ରମ ଜରିଆରେ ନିର୍ମାଣ ହେବାକୁ ଥିବା ଏହି ପ୍ରକଳ୍ପ ପାଇଁ ୮୮ ଲକ୍ଷ ୪୪ ହଜାର ୯୧୨ ଟଙ୍କା ଖର୍ଚ୍ଚ ହେବ। ଗାଁର ପ୍ରତ୍ୟେକ ଘରକୁ ପାଇପ ଯୋଗେ ପିଇବା ପାଣି ଯୋଗାଇବା ପ୍ରକଳ୍ପର ଲକ୍ଷ୍ୟ। ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅଧୀକ୍ଷଣ ଯନ୍ତ୍ରୀ ବିପିନ ବିହାରୀ ଦାଶ, ଉପନିର୍ବାହୀ ଯନ୍ତ୍ରୀ ପ୍ରମୋଦ କୁମାର ମହାପାତ୍ର, କନିଷ୍ଠ ଯନ୍ତ୍ରୀ ଅଶୋକ ଭୂୟାଁ, ରାଜ୍ୟ କଂଗ୍ରେସ ସମ୍ପାଦକ ଉମାଶଙ୍କର ପଣ୍ଡା ଉପସ୍ଥିତ ଥିଲେ । ଉପସ୍ଥିତ ଗ୍ରାମବାସୀ ବିଧାୟକ ମିଶ୍ରଙ୍କୁ ଗାଁରେ ଥିବା ବନ୍ଧ ପାଇଁ ଘାଟ ନିର୍ମାଣ କରିବା ସକାଶେ ଅନୁରୋଧ କରିବା ସହ ଗାଁରେ ରହୁଥିବା ଆଦିବାସୀ ଭୂମିହୀନମାନେ ଚାଷଜମି ପାଇଁ ଦାବି ଜଣାଇଥିଲେ । ପରେ ନାରାୟଣପୁର ଗ୍ରାମରେ ପହଞ୍ଚି ସେଠାରେ ଥିବା ପାନୀୟ ଜଳ ସମସ୍ୟା ସମାଧାନ ପାଇଁ ଜମି ଚିହ୍ନଟ କରାଯାଇଥିଲା। ଆଗାମୀ କିଛି ମାସ ଭିତରେ ଏହି ଗ୍ରାମରେ ମଧ ଘରକୁ ଘର ପାଇପ ଯୋଗେ ପିଇବା ପାଣି ପହଞ୍ଚାଯିବ ବୋଲି କହିଥିଲେ। ଗାଁକୁ ଗାଁ ରାସ୍ତା କାର୍ଯ୍ୟକ୍ରମରେ ମାକରଚୁଆଁ ଗ୍ରାମକୁ ସଂଯୋଗ କରିବା ପାଇଁ ବରକାନି ଠାରୁ ବରପଦର, ଅଇଁଲାଚୁଆ ଦେଇ ଆଟଗାଁ ପିଡବ୍ଲୁଡି ରାସ୍ତା ପର୍ଯ୍ୟନ୍ତ ରାସ୍ତା ସଂଯୋଗୀକରଣ ରାସ୍ତା ପାଇଁ ପ୍ରସ୍ତୁତି ଆରମ୍ଭ କରିସାରିଛନ୍ତି ବୋଲି ଅଁଏଲାଚୁଆରେ ଅନୁଷ୍ଠିତ ପଥପ୍ରାନ୍ତ ସଭାରେ ବିଧାୟକ ମିଶ୍ର କହିଥିଲେ। କାର୍ଯ୍ୟକ୍ରମରେ ବିଧାୟକଙ୍କ ପ୍ରତିନିଧି କିଶୋର ସିଂ ନିନା, ଖୁଜେନପାଲି ସରପଞ୍ଚ ସତ୍ୟବାନ ସାହୁ, କାର୍ତ୍ତିକ ପୁଟେଲ, କୁଶ ବାଗ, କମଳା ହୋତା, ସୌମିତ୍ରି ମିର୍ଦ୍ଧା, ଆକୁଳ ମଲ୍ଲିକ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

# ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଘେରିଲେ ଛାତ୍ରୀଛାତ୍ର, ଅଭିଭାବକ



ବୀରମହାରାଜପୁର ଶିଶୁ ମନ୍ଦିରର ମାଟ୍ରିକ ପରୀକ୍ଷା ଦେଇଥିବା ଛାତ୍ରୀଛାତ୍ର ଓ ଅଭିଭାବକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଘେରିଛନ୍ତି ।

ଅମରପାଲି, ୨୮।୬ (ଡି.ଏନ.ଏ)

ବୀରମହାରାଜପୁର ଶିଶୁ ମନ୍ଦିର ଛାତ୍ରୀଛାତ୍ରଙ୍କୁ ଉପଯୁକ୍ତ ମାର୍କ ମିଳି ନାହିଁ। ଏହି ଅଭିଯୋଗ କରି ଦଶମ ପରୀକ୍ଷା ଦେଇଥିବା ଛାତ୍ରୀଛାତ୍ର ଓ ସେମାନଙ୍କ ଅଭିଭାବକ ସୋମବାର ଗୋଷ୍ଠୀ ଶିକ୍ଷା ଅଧିକାରୀ ଓ ପରେ ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଘେରିଥିଲେ। ଅଭିଯୋଗ ପରେ ଡିଇଓଙ୍କ ନିର୍ଦ୍ଦେଶରେ ଏଡିଓ ଡ. ରାଧାନାଥ ଗଡତିଆ ଓ ବିଇଓ ଶାନ୍ତନୁ କୁମ୍ଭକାର ତଦନ୍ତ ଆରମ୍ଭ କରିଛନ୍ତି। ବୀରମହାରାଜପୁର ଶିଶୁ ମନ୍ଦିରର ୪୩ଛାତ୍ରୀଛାତ୍ର ଉଫୁଲା ମାହେଶ୍ୱରୀ ବିଦ୍ୟାପୀଠ ଜରିଆରେ ଫର୍ମ ପୂରଣ କରିଥିଲେ। ନବମ ପରୀକ୍ଷା ଓ ଦଶମ ପ୍ରାକ୍ଟିସ୍ ଟେଷ୍ଟ ପରୀକ୍ଷା ନମ୍ବର ଆଧାରରେ ମୂଲ୍ୟାୟନ ଘୋଷଣା ହୋଇଥିଲା। ତେଣୁ ଶିଶୁ ମନ୍ଦିର ପିଲାଙ୍କ ନବମ ପରୀକ୍ଷା ସହ ଦଶମ ପ୍ରାକ୍ଟିସ ଟେଷ୍ଟ ନମ୍ବରକୁ ଉଫୁଲାକୁ ଦିଆଯାଇଥିଲା। ମାତ୍ର ସେମାନଙ୍କ ଅଭିଯୋଗ ଉଫୁଲା ସ୍କୁଲରୁ ଶିଶୁ ମନ୍ଦିର ପିଲାଙ୍କ ମାର୍କ ଠିକରେ ପଠାଯାଇନାହିଁ। ମାହେଶ୍ୱରୀ ବିଦ୍ୟାପୀଠ ପ୍ରଧାନଶିକ୍ଷକ ବୃନ୍ଦାବନ ଭୋଇ ଅଭିଯୋଗକୁ ଖଣ୍ଡନ କରିଛନ୍ତି।

### ବନ୍ଧ ନିଲାମକୁ ନେଇ ସଂଘର୍ଷ, ୩ ଆହତ

ଦେଓଗାଁ,୨୮।୬(ଡି.ଏନ.ଏ)

ଦେଓଗାଁ ଥାନା ବନ୍ଧପଡାରେ ସୋମବାର ବନ୍ଧ ନିଲାମକୁ ନେଇ ସଂଘର୍ଷ ହୋଇଛି । ଏଥିରେ ଉଭୟ ପକ୍ଷର ୩ଜଣ ଆହତ ହୋଇଛନ୍ତି। ସେମାନେ ହେଲେ ଟେପ୍ରେନ ଗ୍ରାମର ବାସୁଦେବ ସିଂ ନିନା , ମଧୁସୁଦନ ସିଂ ନିନା ଓ ମଦନ ମୋହନ ସିଂ ନିନା । ବାସୁଦେବ ସିଂ ନିନାଙ୍କ ଅଭିଯୋଗକୁ ଭିତ୍ତି କରି ଏକ ମାମଲା(ନଂ. ୧୨୯) ଓ ମଧୁସୂଦନ ସିଂ ନିନାଙ୍କ ଅଭିଯୋଗକୁ ନେଇ ଅନ୍ୟ ଏକ ମାମଲା(ନଂ.୧୩୦/୨୧)ରୁଜୁ ହୋଇଛି। ଦେଓଗାଁ ବ୍ଲକ ପକ୍ଷରୁ ପୂର୍ବ ବିଜ୍ଞପ୍ତି ଅନୁସାରେ ସୋମବାର ବନ୍ଧପଡା ପଞ୍ଚାୟତ କାର୍ଯ୍ୟାଳୟରେ ଘାଟୁଲଡୁଙ୍ଗୁରୀ, ବୁଡାବାହାଲ, ଛତାପିପଲ,ଟେପ୍ରେନ ଓ ବନ୍ଧପଡା ଗାଁର ବନ୍ଧକଟା ନିଲାମ ଡାକିବା ପାଇଁ ଚୂଡାନ୍ତ ହୋଇଥିଲା । ପୂର୍ବାହ୍ନ ୧୦ଟାରେ ନୋଡାଲ ଅଧିକାରୀ ଭାବେ ବିପିଏମ ପ୍ରଦୀପ କୁମାର ଛତ୍ରିଆ, ପିଇଓ ବୀଣା ପଧାନ, ସରପଞ୍ଚ କୁମୁଦିନୀ ସେଠଙ୍କ ଉପସ୍ଥିତିରେ ନିଲାମ ପ୍ରକ୍ରିୟା ଆରମ୍ଭ ହୋଇଥିଲା । ହେଲେ କିଏ ନିଲାମ ଡାକିବ ସେ ନେଇ ସ୍ଥିର ହୋଇ ନ ପାରିବାରୁ ଗୋଳମାଳିଆ ପରିସ୍ଥିତି ସୃଷ୍ଟି ହୋଇଥିଲା । ଫଳରେ ପ୍ରଶାସନିକ ନିଷ୍ପତ୍ତି ଅନୁସାରେ ସମସ୍ତ ନିଲାମ ପ୍ରକ୍ରିୟାକୁ ବାତିଲ କରାଯାଇଥିଲା । ଟେପ୍ରେନର ଧବଳେଶ୍ୱର କଟାକୁ ଗୋଟିଏ ଗୋଷ୍ଠୀ କୋର୍ଟଙ୍କ ରହିତାଦେଶ ଥିବା ଦର୍ଶାଇ ନିଲାମକୁ ବିରୋଧ କରୁଥିବା ବେଳେ ଅନ୍ୟ ଗୋଷ୍ଠୀ କୋର୍ଟଙ୍କ ରହିତାଦେଶ ନ ଥିବା କହି ନିଲାମ କରାଯାଉ ବୋଲି ଦାବି କରିବାକୁ ନେଇ ଗଣ୍ଡଗୋଳ ହୋଇଥିଲା।

# ଉନ୍ନତ ଚିକିତ୍ସା ପାଇଁ ଅର୍ଥ ବାଧକ

ବାଉଁଶୁଣୀ,୨୮।୬ (ଡି.ଏନ.ଏ)



ତୃଷ୍ଣାରାଣୀ ଘରେ ବସିରହିଛନ୍ତି ।

ବୌଦ୍ଧ ବ୍ଲକ ଅଁଳାପାଲି ପଞ୍ଚାୟତ ବାଦିକଟା ଗ୍ରାମର ସୁବାଷ ଚନ୍ଦ୍ର ମହାକୁଳଙ୍କ ଝିଅ ତୃଷ୍ଣାରାଣୀ। ପାଠ ପଢ଼ି ବଡ ମଣିଷ ହେବ ବୋଲି ସେ ସ୍ୱପ୍ନ ଦେଖିଥିଲେ। ଅଷ୍ଟମ ପର୍ଯ୍ୟନ୍ତ ସବୁ ଠିକ୍ ଚାଲିଥିଲା। ହଠାତ ତାଙ୍କ ଜୀବନରେ ମାଡି ଆସିଲା କଳାବାଦଲ। ଧୀରେ ଧୀରେ ତାଙ୍କ ଆଖିକୁ ଦିଶିଲାନି କି କାନକୁ ଶୁଭିଲାନି। ଫଳରେ ଅଷ୍ଟମ ଶ୍ରେଣୀରୁ ପାଠ ପଢ଼ାରେ ଡୋରି ବନ୍ଧାହେଲା। ପରିବାର ଲୋକେ ତାଙ୍କୁ ବୁର୍ଲା ଓ କଟକ ବଡମେଡିକାଲକୁ ନେଇଥିଲେ ମଧ ଅର୍ଥାଭାବରୁ ଉଚ୍ଚ ଚିକିତ୍ସା କରାଇ ପାରିଲେନି। ଏବେ ତୃଷ୍ଣାରାଣୀ ଘରେ ବସି ମାତାପିତାଙ୍କ ସହାୟତାରେ ଦୈନନ୍ଦିନ ନିତ୍ୟକର୍ମ ସମ୍ପାଦନ କରୁଛନ୍ତି। ବର୍ତ୍ତମାନ ୨୦ ବର୍ଷ ବୟସରେ ସେ ପାଉଛନ୍ତି ଭିନ୍ନକ୍ଷମ ଭତ୍ତା। ତୃଷ୍ଣାରାଣୀଙ୍କ ଉପଯୁକ୍ତ ଚିକିତ୍ସା କରାଗଲେ ସେ ନିଶ୍ଚୟ ଭଲ ହେବ ବୋଲି ଆଶା ବାନ୍ଧିଛନ୍ତି ପରିବାର ଲୋକେ।

# ଅତିରିକ୍ତ ଜିଲା ଦୌରାଜଜ୍‌ଙ୍କ ତଦନ୍ତ

**ସରକାରୀ ଡାକ୍ତରଖାନାରେ ଘରୋଇ ଔଷଧ ଦୋକାନ**

ଟିଟିଲାଗଡ଼, ୨୮।୬ (ଡି.ଏନ.ଏ.)

ବଲାଙ୍ଗୀର ଜିଲା ଟିଟିଲାଗଡ ଉପଖଣ୍ଡ ମୁଖ୍ୟ ଡାକ୍ତରଖାନା ପରିସରରେ ଘରୋଇ ଔଷଧ ଦୋକାନ ସମ୍ପର୍କିତ ଲୋକଙ୍କ ଅଭିଯୋଗକୁ ନେଇ ତାଲୁକ ଆଇନ ସେବା ସମିତି ଅଧକ୍ଷ ତଥା ଅତିରିକ୍ତ ଜିଲା ଦୌରା ଏବଂ ସେସନ ଜଜ(ଏଡିଜେ) ରାଜକୁମାର ଦାଶ ତଦନ୍ତ ଆରମ୍ଭ କରିଛନ୍ତି। ସେ ଔଷଧ ଦୋକାନ ନିରୀକ୍ଷଣ ସହ ଉପଖଣ୍ଡ ସ୍ୱାସ୍ଥ୍ୟ ଅଧିକାରୀ ଡା. ପ୍ରଦୀପ ନାୟକ ଏବଂ ଔଷଧ ଦୋକାନୀ ଈଶ୍ୱର ଜୈନଙ୍କୁ ତଲବ ସହ ଜେରା କରିଛନ୍ତି। ଏନେଇ ଏଡିଜେ ବିଭିନ୍ନ କାଗଜ ପତ୍ର ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଥିବା ବାର ଆସୋସିଏଶନ ସଭାପତି ପ୍ରଭାସ ବହିଦାର ସୂଚନା ଦେଇଛନ୍ତି। ତାଲୁକ ଆଇନ ସେବା ସମିତି ସଦସ୍ୟା ଉତ୍ତମା ନାୟକ, ପ୍ରମୋଦ ପାଲ, ଥାନା ଅଧିକାରୀ ରଞ୍ଜନ ବରିହା ଏଡିଜେଙ୍କ ଗସ୍ତ ସମୟରେ ଉପସ୍ଥିତ ଥିଲେ। ନିୟମାନୁଯାୟୀ ଦୋକାନକୁ ୨୪ ଘଣ୍ଟା ଖୋଲାଯାଉ ନ ଥିବା, ରୋଗୀଙ୍କୁ ଔଷଧ ବିଲ ଏବଂ ରିହାତି ଦିଆ ଯାଉ ନ ଥିବା ନେଇ ଏଡିଜେ ପ୍ରଶ୍ନ କରିଥିଲେ। ତେବେ ରାତିରେ ଲୋକେ କୋରେକ୍ସ ଏବଂ ନିଶା ଔଷଧ କ୍ରୟ କରିବାକୁ ଆସୁଥିବାରୁ ଦୋକାନକୁ ବନ୍ଦ ରଖାଯାଉଥିବା ଦୋକାନୀ କହିଥିଲେ।

### ବିବେକାନନ୍ଦ ଲୋକ ସଂସଦ ପକ୍ଷରୁ ଇ-ପାଠଚକ୍ର

ଭବାନୀପାଟଣା, ୨୮।୬ (ଡି.ଏନ.ଏ.)

କଳାହାଣ୍ଡି ଜିଲା ସ୍ୱାମୀ ବିବେକାନନ୍ଦ ଲୋକ ସଂସଦ ଶାଖା ପକ୍ଷରୁ ୬ଷ୍ଠ ଇ-ପାଠଚକ୍ର ଆୟୋଜିତ ହୋଇଯାଇଛି। ନାଟ୍ୟରଶ୍ମି ପ୍ରଫୁଲ୍ଲ ରଥଙ୍କ ସାମଗ୍ରିକ କୃତିକୁ ନେଇ ଆୟୋଜିତ ଇ-ପାଠଚକ୍ରରେ ମୁଖ୍ୟବକ୍ତା ଭାବେ ଶିକ୍ଷାବିତ ଡ. ଉମେଶଚନ୍ଦ୍ର ଶତପଥୀ ଯୋଗଦେଇଥିଲେ। ବିବେକାନନ୍ଦ ଲୋକ ସଂସଦ ବିଚାରଧାରାର ମୁଖ୍ୟ ଇଂ. ସୋମନାଥ ମିଶ୍ର ସଭାପତିତ୍ୱ କରିଥିଲେ। କଣ୍ଠଶିଳ୍ପୀ ଲିପ୍‌ସା ମହାରଣା ସଂଯୋଜନା କରିଥିଲେ। ଅଧାପକ ବିଶ୍ୱରଞ୍ଜନ ବେହେରା ଧନ୍ୟବାଦ ପ୍ରଦାନ କରିଥିଲେ। ବିବେକାନନ୍ଦ ଲୋକ ସଂସଦ ରାଜ୍ୟ ସମ୍ପାଦକ, ଡ. ଚିତ୍ତରଞ୍ଜନ ନାଏକ, ବିଚାରଧାରାରେ ଉପସଭାପତି ଡ. ଛାୟାକାନ୍ତ ଷଡଙ୍ଗୀ, ପଶ୍ଚିମାଞ୍ଚଳ ଜିଲା ସମ୍ପାଦକ ପ୍ରାଧାପକ ସୀମାଞ୍ଚଳ ମିଶ୍ର, ଡ. ଦୋଳଗୋବିନ୍ଦ ମିଶ୍ର, ପ୍ରାଧାପକ ରାମଶରଣ ହୋତା, ଅଧାପକ ସତ୍ୟନାରାୟଣ ମୁଣ୍ଡଛିନା ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ୨ ଦିବ୍ୟାଙ୍ଗ ଯୁବକଙ୍କୁ ବିବାହ ପ୍ରୋତ୍ସାହନ ରାଶି ପ୍ରଦାନ

ନୂଆପଡ଼ା ଅଫିସ,୨୮।୬

ନୂଆପଡା ଜିଲା ବିଜୁ ପଟ୍ଟନାୟକ ମାନସିକ ଅନଗ୍ରସର ସ୍ୱତନ୍ତ୍ର ବିଦ୍ୟାଳୟ ଟାନୱାଟରେ ଅଧ୍ୟୟନ କରି ବିବାହ ବନ୍ଧନରେ ବାନ୍ଧି ହୋଇ ଘର ସଂସାର କରି ଚଳୁଥିବା ୨ ଦିବ୍ୟାଙ୍ଗ ଯୁବକଙ୍କୁ ବିବାହ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଛି। ସୋମବାର ଜିଲାପାଳ ସ୍ୱାଧାଦେବ ସିଂ ବିବାହ ପ୍ରୋତ୍ସାହନ ରାଶି ବାବଦକୁ ୫୦ ହଜାର ଟଙ୍କା ଲେଖାଏଁ ଚେକ ପ୍ରଦାନ କରିଛନ୍ତି। ସାମାଜିକ ମୁଖ୍ୟ ସ୍ରୋତକୁ ଆଣିବା ପାଇଁ ବିଦ୍ୟାଳୟ ଓ ଜିଲା ପ୍ରଶାସନ ମିଳିତ ଅବଦାନ। ଜିଲା ସାମାଜିକ ସୁରକ୍ଷା ଓ ସଶକ୍ତୀକରଣ ବିଭାଗ ପକ୍ଷରୁ ଏହି ବିବାହ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଛି। ଦିବ୍ୟାଙ୍ଗ ୨ଜଣ ଯୁବକ ୨୦୨୦ରେ ବିବାହ କରିଥିଲେ। ଦିବ୍ୟାଙ୍ଗ ଗୋବରର୍ଦ୍ଧନ ପଟେଲ (୨୬) ତାଙ୍କ ପତ୍ନୀ ପୁରନ ପଟେଲ (୨୧) ଓ ଦିବ୍ୟାଙ୍ଗ ହେନଚ କୁମାର ରାଉତ (୨୩) ତାଙ୍କ ପତ୍ନୀ ଧନଶ୍ରୀ ରାଉତ (୨୨) ଜିଲାପାଳଙ୍କ କାର୍ଯ୍ୟାଳୟରେ ପ୍ରୋତ୍ସାହନ ରାଶି ଚେକ ଗ୍ରହଣ କରିଛନ୍ତି। ଜିଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରଫୁଲ ଚନ୍ଦ୍ର ଶତପଥି ଓ ବିଜୁ ପଟ୍ଟନାୟକ ମାନସିକ ଅନଗ୍ରସର ସ୍ୱତନ୍ତ୍ର ବିଦ୍ୟାଳୟ ଅଧ୍ୟକ୍ଷା ରାଜେଶ୍ୱରୀ ସାମଲ ପ୍ରମୁଖ ଉପସ୍ଥିତ ଥିଲେ ।



ସହାୟତା ରାଶି ବାବଦ ଚେକ୍ ପ୍ରଦାନ କରାଯାଉଛି।

# ଟଏକାଥନ୍‌ରେ ବାଗ୍‌ଡି ଖେଳ ମନୋନୀତ

ବଲାଙ୍ଗୀର ଅଫିସ,୨୮।୬



ମୁଖ୍ୟ ମେଣ୍ଟର ଇତିସ୍ମିତା ମିଶ୍ର।





ବାଗ୍‌ଡି ଖେଳରୁ ନମୁନା।

- ମୁଖ୍ୟ ମେଣ୍ଟର ବଲାଙ୍ଗୀର ବୋହୂ ଇତିସ୍ମିତା ମିଶ୍ର
- ଆସାମର ବଙ୍ଗାଇଗାଁଓ ନବୋଦୟ ବିଦ୍ୟାଳୟ ପକ୍ଷରୁ ଯୋଗ ଦେଇଥିଲେ

ଟଏକାଥନ୍-୨୦୨୧ରେ ପଶ୍ଚିମ ଓଡ଼ିଶାର ଲୁପ୍ତପ୍ରାୟ ବାଗ୍‌ଡି ଖେଳ ମନୋନୀତ ହୋଇଛି। ଆସାମର ବଙ୍ଗାଇଗାଁଓ ଜବାହର ନବୋଦୟ ବିଦ୍ୟାଳୟରେ ଏକ ଟିମ୍ ଏହି ପ୍ରକଳ୍ପକୁ ଦାଖଲ କରିବା ପରେ ଏହା ଜାତୀୟସ୍ତରରେ ଦୃଷ୍ଟିଆକର୍ଷଣ କରିଥିଲା। ଏହି ପ୍ରକଳ୍ପର ମୁଖ୍ୟ ମେଣ୍ଟରଭାବେ ବଲାଙ୍ଗୀର ଜିଲାର ଜଣେ ବୋହୂ ଜାତୀୟସ୍ତରକୁ ପହଞ୍ଚାଇବାରେ ମୁଖ୍ୟ ଭୂମିକା ଗ୍ରହଣ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଉଦ୍ୟମରେ ଆତ୍ମନିର୍ଭର ଭାରତ ଅଭିଯାନ ଜରିଆରେ ଟଏକାଥନ୍-୨୧ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ। ଏହା ଜରିଆରେ ଭାରତୀୟ ସଭ୍ୟତା, ଇତିହାସ, ସଂସ୍କୃତି, କିମ୍ବଦନ୍ତୀ ଏବଂ ଲୋକାଚାର ଭିତରର ସ୍ୱତନ୍ତ୍ର ଖେଳଣା ଓ ଖେଳ ସମ୍ବନ୍ଧୀୟ ଅଭିନବ ପ୍ରତିଭା ଓ ଅବଧାରଣାକୁ ଅନ୍ୱେଷଣ କରିବା ଏହି ପ୍ରକଳ୍ପର ଉଦ୍ଦେଶ୍ୟ। କେନ୍ଦ୍ର ସରକାରଙ୍କ ଶିକ୍ଷା ଅନ୍ୱେଷଣ ସେଲ୍ ଜରିଆରେ ଏବଂ ଅଖିଳ ଭାରତୀୟ ବୈଷୟିକ ଶିକ୍ଷା ପରିଷଦ, ମହିଳା ଓ ଶିଶୁ କଲ୍ୟାଣ ବିଭାଗ, ବାଣିଜ୍ୟ ଓ ଶିଳ୍ପ ବିଭାଗ, ଏମ୍‌ଏସ୍‌ଏମ୍‌ଇ, ଟେକ୍ସଟାଇଲ, ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ସହଯୋଗରେ ଟଏକାଥନ୍-୨୧ ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ଜରିଆରେ ଦେଶର ବିଭିନ୍ନ ଅଞ୍ଚଳରୁ ପାରମ୍ପରିକ ଖେଳଣା ଓ ଖେଳ ସମ୍ବନ୍ଧୀୟ ପ୍ରକଳ୍ପ ଆହ୍ୱାନ କରାଯାଇଥିଲା। ଛାତ୍ରୀଛାତ୍ର, ଶିକ୍ଷକ, ଷ୍ଟାର୍ଟଅପ୍‌ସ ଏବଂ ଖେଳଣା ବିଶେଷଜ୍ଞ ତଥା ପେସାଦାର ବ୍ୟକ୍ତିଙ୍କଠାରୁ ପ୍ରକଳ୍ପ ମଗା ଯାଇଥିଲା। ଡିଜିଟାଲ ମୋଡ୍‌ରେ ଅନୁଷ୍ଠିତ ଏହାର ମନୋନୟନ ପ୍ରତିଯୋଗିତା ନୋଡାଲସ୍ତରୀୟ, ଫାଇନାଲ, ଗ୍ରାଣ୍ଡ୍ ଫିନାଲେ ଏବଂ ପାୱାର ଜଜିଂ ରାଉଣ୍ଡ ଜରିଆରେ ସମ୍ପନ୍ନ ହୋଇଥିଲା। ଆସାମର ବଙ୍ଗାଇଗାଁଓ ନବୋଦୟ ବିଦ୍ୟାଳୟରେ ଶିକ୍ଷକ ଥିବା ଇତିସ୍ମିତା ମିଶ୍ର ବାଗ୍‌ଡି ଖେଳକୁ ନେଇ ଏକ ଟିମ୍ କରିଥିଲେ। କ୍ରିଏଟିଭ ମାଷ୍ଟର୍ସ ଟିମ୍ ଗଢ଼ି ବାଗ୍‌ଡି ଖେଳକୁ ପ୍ରକଳ୍ପଭାବେ ଦାଖଲ କରିଥିଲେ। ବାଘ ଓ ଛେଳି ଭାବେ ପଥର ଗୋଲା ଜରିଆରେ ଏକ ଚତୁର୍ବର୍ଗ ରେଖାଙ୍କନରେ ଏହି ଖେଳ ଖେଳାଯାଏ। ଏହି ପ୍ରକଳ୍ପକୁ ଜାତୀୟ ସ୍ତରର ବିଚାରକମାନେ ମନୋନୀତ କରିଛନ୍ତି। ବାଗ୍‌ଡି ଖେଳ ଟଏକାଥନ୍-୨୧ରେ ମନୋନୀତ ହେବା ପରେ ପ୍ରକଳ୍ପର ମେଣ୍ଟର ଇତିସ୍ମିତା ଏହି ଲୁପ୍ତପ୍ରାୟ ଖେଳ ଆଗାମୀ ଦିନରେ ନୂଆ ପରିଚୟ ପାଇବ ବୋଲି କହିଛନ୍ତି। ବଙ୍ଗାଇଗାଓଁ ଜବାହର ନବୋଦୟ ବିଦ୍ୟାଳୟର ଟିଜିଟି ଶିକ୍ଷକ ଥିବା ଇତିସ୍ମିତା ସେହି ସ୍କୁଲରେ କାର୍ଯ୍ୟରତ ଶିକ୍ଷକ ବଲାଙ୍ଗୀରର ମନୋରଞ୍ଜନ ପାଢ଼ୀଙ୍କ ସ୍ତ୍ରୀ।

## ମାଲଗାଡିରୁ ମୃତଦେହ ଜବତ

ଦେଓଗାଁ,(ଡି.ଏନ.ଏ): ବଲାଙ୍ଗୀର ଜିଲା ଦେଓଗାଁ ରେଳ ଷ୍ଟେଶନରେ ସୋମବାର ମାଲଗାଡିରୁ ସୋମବାର ଏକ ମୃତଦେହକୁ ଜିଆରପି ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ସକାଳେ ସମ୍ବଲପୁରରୁ ଏକ ମାଲଗାଡି ଟିଟିଲାଗଡ ଅଭିମୁଖେ ଯାଉଥିବା ବେଳେ ଦେଓଗାଁ ରୋଡଠାରେ ଅଟକିଥିଲା। ତେବେ ଉକ୍ତ ମାଲଗାଡିର ପଛବଗିରେ ଜଣେ ବ୍ୟକ୍ତି ମୃତ ଅବସ୍ଥାରେ ପଡିଥିବା କେତେକ ଯୁବକ ଦେଖି ସ୍ଥାନୀୟ ଷ୍ଟେଶନ ମାଷ୍ଟରଙ୍କୁ ଜଣାଇଥିଲେ। ତେବେ ଉକ୍ତ ବ୍ୟକ୍ତିଙ୍କ ପରିଚୟ ସ୍ପଷ୍ଟ ହୋଇ ନାହିଁ କିମ୍ବା ମୃତ୍ୟୁର କାରଣ ଜଣାପଡିନାହିଁ।

## ସଂକ୍ଷେପରେ

### ରାସ୍ତା ଦୁର୍ଘଟଣା: ବୃଦ୍ଧା ମୃତ, ୨ ଗୁରୁତର

କୁଚିଣ୍ଡା,୨୮।୬ (ଡି.ଏନ.ଏ.): କୁଚିଣ୍ଡା ଥାନା ଅଞ୍ଚଳରେ ସୋମବାର ଦୁର୍ଘଟଣା ଘଟି ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ଦୁଇଜଣ ଗୁରୁତର ହୋଇଛନ୍ତି। ମୃତକ ହେଲେ କିଣ୍ଡିରା ଗ୍ରାମର ବାସମତି ବାଘ (୭୫)। ସୂଚନା ଅନୁସାରେ, ଏକ ଅଟୋ ଯୋଗେ ବାସମତିଙ୍କ ସହ ଜଗଦୀଶ ବାଘ ଓ ଅନ୍ୟ ଦୁଇଜଣ ଯାତ୍ରୀ ସିରିଡ ଗ୍ରାମକୁ ଯାଇ ଫେରୁଥିଲେ। ଏହି ସମୟରେ କୁଚିଣ୍ଡା ପଟୁ ଦେବଗଡ ଜିଲା ଉତ୍ସବପାଲି ଗ୍ରାମର ପ୍ରଦୀପ ବାଇକ୍ ଯୋଗେ ଆସୁଥିବାବେଳେ ଅଟୋ ସହ ଧକ୍କା ହୋଇଥିଲା। ଫଳରେ ଅଟୋରେ ଥିବା ଜଗଦୀଶ ଓ ବାସମତିଙ୍କ ସମେତ ଚାଳକ ଗୁରୁତର ହୋଇଥିଲେ। ସେମାନଙ୍କୁ ୧୦୮ ଯୋଗେ କୁଚିଣ୍ଡା ଡାକ୍ତରଖାନା ଅଣାଯାଇଥିଲା। ହେଲେ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ବାସମତିଙ୍କ ମୃତ୍ୟୁ ଘଟିଥିଲା। ଅନ୍ୟ ଦୁଇଜଣ ଚିକିତ୍ସାଧୀନ ଅଛନ୍ତି।

### ଧ୍ରୁବରାଜଙ୍କ ବିୟୋଗରେ ଶୋକସଭା

ବ୍ରଜରାଜନଗର,୨୮।୬ (ଡି.ଏନ.ଏ.): ସମ୍ବଲପୁର ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ଧ୍ରୁବରାଜ ନାଏକଙ୍କ ବିୟୋଗରେ ସ୍ଥାନୀୟ ଜଗନ୍ନାଥ ମନ୍ଦିର ପରିସରରେ ରାଜ୍ୟ ସାହିତ୍ୟ ଏକାଡେମୀ ସଦସ୍ୟା ଶିବପ୍ରିୟା ମିଶ୍ରଙ୍କ ତତ୍ତ୍ୱାବଧାନରେ ଏକ ଶୋକସଭା କରାଯାଇଥିଲା। କୋଭିଡ ନିୟମ ପାଳନ କରି ଅଞ୍ଚଳର ବରିଷ୍ଠ ସାହିତ୍ୟିକ, ଖବରଦାତା, ବୁଦ୍ଧିଜୀବୀ ଯୋଗଦେଇ ତାଙ୍କ କର୍ମମୟ ଜୀବନ ଉପରେ ଆଲୋକପାତ କରିଥିଲେ। ମା, ମାଟିକୁ ଭଲ ପାଉଥିବା ଜଣେ ମାଟିର ମଣିଷକୁ ଜିଲା ହରାଇଲା ବୋଲି ବକ୍ତାମାନେ ମତ ପୋଷଣ କରିବା ସହ ଦୋଷୀଙ୍କୁ ଦଣ୍ଡ ମିଳୁ ବୋଲି ମତ ଦେଇଥିଲେ। କାର୍ଯ୍ୟକ୍ରମରେ ବିଶିଷ୍ଟ ସାହିତ୍ୟିକ ବ୍ୟାସଦେବ ପଣ୍ଡା, ପ୍ରତାପ କେଶରୀ ସିଂ, ଅନୀଲ ଦାଶ ଉପସ୍ଥିତ ଥିଲେ।

### କୁଚିଣ୍ଡା ବିଧାୟକଙ୍କ ମୁଣ୍ଡେଜପାଲି ଗସ୍ତ

ପଡିଆବାହାଲ,୨୮।୬ (ଡି.ଏନ.ଏ.): ଗ୍ରାମାଞ୍ଚଳରେ ଲୋକଙ୍କୁ ଶୁଦ୍ଧ ପାନୀୟ ଜଳ ଯୋଗାଣ ପାଇଁ ସମ୍ବଲପୁର ଜିଲାକୁ ମୁଖ୍ୟମନ୍ତ୍ରୀ ପ୍ରାୟ ୧୮୮ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ଏହି ଅବସରରେ କୁଚିଣ୍ଡା ବିଧାୟକ କିଶୋର ଚନ୍ଦ୍ର ନାଏକ ଜମନକିରା ବ୍ଲକ ମୁଣ୍ଡେଜପାଲି ଗ୍ରାମ ପଞ୍ଚାୟତର ବିଭିନ୍ନ ଗ୍ରାମକୁ ଗସ୍ତ କରି ସମସ୍ତଙ୍କ ଘରକୁ ଯେପରି ପାନୀୟ ଜଳ ପହଞ୍ଚିବ ସେ ଉପରେ ଲୋକଙ୍କ ସହ ଆଲୋଚନା କରିଥିଲେ। ଏହି ଅବସରରେ ବିଧାୟକ ସାନକୁଣ୍ଡେସରା, ପ୍ରଧାନପାଲି, ନୂଆବୁର୍ଦା, ରେଙ୍ଗାଲପାଲି ଗ୍ରାମକୁ ଯାଇ ଲୋକମାନଙ୍କୁ କରୋନା ସମ୍ପର୍କରେ ସଚେତନ କରିବା ସହ ମାସ୍କ ବଣ୍ଟନ କରିଥିଲେ। ଟିକାକରଣରେ ସମସ୍ତେ ସାମିଲ ହେବାକୁ ଅନୁରୋଧ କରିଥିଲେ। କାର୍ଯ୍ୟକ୍ରମରେ ଜମନକିରା ବ୍ଲକ ଅଧକ୍ଷ ଅରୁଣ କୁମାର ନାଏକ, ବ୍ଲକ ଯୁବ ଜନତା ଦଳ ସଭାପତି ସୁଦିବ ଦେବ, ଯୁଧିଷ୍ଠିର ରୋହିଦାସ ପ୍ରମୁଖ ଉପସ୍ଥିତ ଥିଲେ।

### ରାଜ୍ୟପାଳଙ୍କୁ ବାମପନ୍ଥୀ ଦଳର ଦାବିପତ୍ର

ସମ୍ବଲପୁର,୨୮।୬(ବ୍ୟୁରୋ): ସମ୍ବଲପୁର ଜିଲା ପ୍ରଶାସନ ଜରିଆରେ ରାଜ୍ୟପାଳ ଗଣେଶୀ ଲାଲଙ୍କୁ ବାମପନ୍ଥୀ ଦଳ ସମ୍ବଲପୁର ଶାଖା ପକ୍ଷରୁ ସୋମବାର ଦାବିପତ୍ର ପ୍ରଦାନ କରାଯାଇଛି। ଏଥିରେ ପେଟ୍ରୋଲ ଓ ଡିଜେଲ ଦର ବୃଦ୍ଧି ବନ୍ଦ କରିବା, ନିର୍ମାଣ ଶ୍ରମିକଙ୍କୁ କୋଭିଡ୍ ସହାୟତା ପ୍ରଦାନ, ଅଣସଙ୍ଗଠିତ ଶ୍ରମିକଙ୍କୁ ସହାୟତା, ବିଦ୍ୟୁତ୍ ଦେୟ ମୁକ୍ତ, ଶ୍ରମିକଙ୍କୁ କରୋନା ଯୋଦ୍ଧା ଘୋଷଣା, ମୃତ ଶ୍ରମିକଙ୍କ ପରିବାରକୁ ୫୦ ଲକ୍ଷ କ୍ଷତିପୂରଣ ଦିଆଯାଉ, ବିଡି ଓ କେନ୍ଦୁପତ୍ର ଉପରେ ଜିଏସ୍‌ଟି ଛାଡ, ଶିକ୍ଷିତ ଯୁବତୀଯୁବକଙ୍କୁ ଚାକିରି କିମ୍ବା ବେକାରି ଭତ୍ତା ପ୍ରଦାନ ଆଦି ଦାବି ରହିଛି। ରବୀନ୍ଦ୍ର ମହାନ୍ତି, ନାଟୁ ଗୋପାଳ, ମିତ୍ରଭାନୁ ପୋଢ, ଏନ୍ ରାମାରାଓ, ଶରତ କୁମାର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହିଥିଲେ। ପ୍ରଥମେ ଜିଲାପାଳଙ୍କ ଅଫିସ ସମ୍ମୁଖରେ ଧାରଣାରେ ବସି ବିକ୍ଷୋଭ ପ୍ରଦର୍ଶନ କରିଥିଲେ।

## ଅସୁରକ୍ଷିତ ଭାବେ ଚାଲିଛି

**ଏସ୍‌ଡିସିସି ବ୍ୟାଙ୍କ ମାନେଶ୍ୱର ଶାଖା**

- ବିପଦପୂର୍ଣ୍ଣ ଭାବେ ଯା’ଆସ କରୁଛନ୍ତି ଗ୍ରାହକ
- ବାରମ୍ବାର ଅଭିଯୋଗ ପରେ ଫଳ ଶୂନ
- ନିର୍ଭର କରୁଛନ୍ତି ୭ ସମବାୟ ସମିତିର ଚାଷୀ

ସମ୍ବଲପୁର,୨୮।୬(ବ୍ୟୁରୋ)

ସମ୍ବଲପୁର ଜିଲା କେନ୍ଦ୍ର ସମବାୟ (ଏସ୍‌ଡିସିସି) ବ୍ୟାଙ୍କର ମାନେଶ୍ୱର ଶାଖା ଅସୁରକ୍ଷିତ ଭାବେ ଚାଲିଛି। ବ୍ୟାଙ୍କଟି ଦ୍ୱିତୀୟ ମହଲାରେ ରହିଥିବାବେଳେ ଉପରକୁ ଯିବା ପାଇଁ କାମଚଳା ଲୁହା ଶିଡି କରାଯାଇଛି। ଏଥିରେ ଗ୍ରାହକମାନେ ବିପଦପୂର୍ଣ୍ଣ ଭାବେ ଯା’ଆସ କରୁଛନ୍ତି। ବିଶେଷ କରି ବୟସ୍କମାନେ ଏହି ଶିଡିରେ ଚଢି ଉପରକୁ ଯାଇ ପାରୁନାହାନ୍ତି। ସେମାନେ ତଳେ ଛିଡା ହୋଇ ରହୁଥିବାରୁ ସେବା ପାଇବାରୁ ବଞ୍ଚିତ ହେଉଛନ୍ତି। ଖରା, ବର୍ଷା, ଶୀତ ସବୁ ସମୟରେ ଗ୍ରାହକମାନଙ୍କୁ ସମସ୍ୟା ହେଉଛି। ବ୍ୟାଙ୍କକୁ ଆସୁଥିବା ମହିଳାମାନେ ମଧ୍ୟ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଶୌଚାଳୟ କିମ୍ବା ପାଣିର ବ୍ୟବସ୍ଥା କରାଯାଉ ନାହିଁ। ଏହାକୁ ନେଇ ଅଧିକାଂଶ ସମୟରେ ଉତ୍ତେଜନା ଦେଖାଦେଉଛି। ଦୀର୍ଘ ୩ବର୍ଷ ହେଲା ବାରମ୍ବାର ଅଭିଯୋଗ ପରେ ମଧ୍ୟ ବ୍ୟାଙ୍କ ପକ୍ଷରୁ କୌଣସି ବ୍ୟବସ୍ଥା କରାଯାଉ ନାହିଁ।

ଏହି ବ୍ୟାଙ୍କ ଉପରେ ମାନେଶ୍ୱର ସମେତ ଝାଙ୍କରପାଲି, ଯୁଯୁମୁରା, ବଡେମୁରା, ଧମା, ବରଗାଁ, ସାହସପୁର ସମବାୟ ସମିତିର ଚାଷୀମାନେ ନିର୍ଭର କରନ୍ତି। ସେମାନେ ଋଣ ଓ ଧାନ ବିକ୍ରି ଟଙ୍କା ନେଣଦେଣ କରନ୍ତି। ପ୍ରତିଦିନ


ସମ୍ବଲପୁର ଏସ୍‌ଡିସିସି ମାନେଶ୍ୱର ଶାଖା କାର୍ଯ୍ୟାଳୟକୁ ପଡିଥିବା ସିଡି।

ଶତାଧିକ ଚାଷୀ ଓ ସାଧାରଣ ଗ୍ରାହକ ଏଠାକୁ ଆସିଥାନ୍ତି। ଦୁଇଟି କୋଠା ମଧ୍ୟରୁ ଗୋଟିକରେ ଶାଖା ପରିଚାଳକ ଓ ଅନ୍ୟ କୋଠାରେ ଅନ୍ୟାନ୍ୟ କାମ ହୋଇଥାଏ। ତେଣୁ ଗ୍ରାହକମାନେ କୋଠା ତଳେ ଛିଡା ହୋଇ ଅପେକ୍ଷା କରନ୍ତି। କୋଭିଡ୍ କଟକଣା ମଧ୍ୟ ଠିକ୍ ଭାବେ ପାଳନ କରାଯାଉ ନାହିଁ। ଗ୍ରାହକମାନଙ୍କ ସହିତ ବ୍ୟାଙ୍କ କର୍ମଚାରୀ ଅନୁରୂପ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। କେତେଜଣ ମହିଳା କର୍ମଚାରୀ ମଧ୍ୟ କାମ କରୁଛନ୍ତି। ଏଭଳି ସମସ୍ୟା ନେଇ ଚାଷୀମାନେ କ୍ରମାଗତ ବ୍ୟାଙ୍କ ସମ୍ପାଦକଙ୍କୁ ଅଭିଯୋଗ କରୁଛନ୍ତି । ହେଲେ ୩ ବର୍ଷ ବିତିଯାଇଥିଲେ ମଧ୍ୟ ସମାଧାନ ହୋଇ ପାରୁନାହିଁ। କିଛିଦିନ ପୂର୍ବରୁ ନୂତନ ଭାବେ ଯୋଗଦାନ କରିଥିବା ବ୍ୟାଙ୍କ ସମ୍ପାଦକ ହରେଶ ଦାସ ଶାଖାକୁ ପରିଦର୍ଶନ ପାଇଁ ଆସିଥିଲେ। ଏହି ସମୟରେ ତାଙ୍କୁ ଗ୍ରାହକ ଓ ଚାଷୀଙ୍କ ସମସ୍ୟା ଅବଗତ କରାଯାଇଥିଲା। ଗ୍ରାହକମାନେ ଅନ୍ୟ ବ୍ୟାଙ୍କକୁ ଚାଲିଯିବା ପୂର୍ବରୁ ତୁରନ୍ତ ଏ ଦିଗରେ ପଦକ୍ଷେପ ନେବାକୁ ବିଭିନ୍ନ ସମିତିର ଚାଷୀମାନେ ଦାବି କରିଛନ୍ତି। ଏ ସମ୍ପର୍କରେ ଶାଖା ପରିଚାଳକ ପୁଲିଙ୍ଗ ସାହୁ କହିଛନ୍ତି, ମାନେଶ୍ୱର ସମବାୟ ସମିତି ନୂତନ କୋଠା ନିର୍ମାଣ କରିବାକୁ ସମୟ ମାଗିଥିଲେ। ତେଣୁ ଅପେକ୍ଷା କରାଯାଇଥିଲା। ଗ୍ରାହକଙ୍କ ସୁବିଧା ପାଇଁ ଏବେ ବିକଳ୍ପ ବ୍ୟବସ୍ଥା କରାଯିବ। ଗ୍ରାହକଙ୍କ ସହ ବ୍ୟାଙ୍କ କର୍ମଚାରୀଙ୍କୁ ମଧ୍ୟ ସମସ୍ୟା ହେଉଛି। କମ୍ପ୍ୟୁଟର, ଆଲମିରା ଓ ଅନ୍ୟାନ୍ୟ ଜିନିଷପତ୍ର ଏପଟସେପଟ ହୋଇ ପଡିରହୁଛି। ବ୍ୟାଙ୍କ ଭଳି ପରିବେଶ ରହୁନାହିଁ। ତେଣୁ ଖୁବ୍‌ଶୀଘ୍ର ବ୍ୟବସ୍ଥା କରାଯିବ। ସୂଚନାଯୋଗ୍ୟ ମାନେଶ୍ୱର ସମବାୟ ସମିତି କୋଠାରେ ବହୁବର୍ଷ ହେବ ବ୍ୟାଙ୍କ ପରିଚାଳିତ ହେଉଥିଲା। ସମ୍ବଲପୁର-ଅନୁଗୋଳ ୫୫ନଂ. ଜାତୀୟ ରାଜପଥ ଚାରିଥାକିଆ କାମ ସମୟରେ ଅଧା କୋଠା ଅଧିଗ୍ରହଣ ହୋଇଥିଲା। ବାକି ଥିବା କିଛି କୋଠାରେ ବ୍ୟାଙ୍କକୁ ସ୍ଥାନାନ୍ତର କରାଯାଇ କାର୍ଯ୍ୟ ଚାଲିଛି।

## ଆଇଆଇଏମ୍ ସମ୍ବଲପୁରର ସମାବର୍ତ୍ତନ ଉତ୍ସବ



ସମାବର୍ତ୍ତନ ଉତ୍ସବକୁ ଦୀପ ପ୍ରଜ୍ୱଳନ କରି ଶୁଭାରମ୍ଭ କରାଯାଉଛି ।

ସମ୍ବଲପୁର,୨୮।୬ (ବ୍ୟୁରୋ)

ଆଇଆଇଏମ୍‌ସମ୍ବଲପୁରର ଚତୁର୍ଥ ଓ ପଞ୍ଚମ ସମାବର୍ତ୍ତନ ଉତ୍ସବ ସୋମବାର ଭର୍ଚୁଆଲ ଜରିଆରେ ଅନୁଷ୍ଠିତ ହୋଇଯାଇଛି। ଆଇଆଇଏମ୍ ନିର୍ଦ୍ଦେଶକ ପ୍ରଫେସର ମହାଦେଓ ଜୟସ୍ୱାଲଙ୍କ ଅଧ୍ୟକ୍ଷତାରେ ଉତ୍ସବ ହୋଇଥିଲା। ଜେଏସ୍‌ଡବ୍ଲ୍ୟୁ ଗ୍ରୁପ ଅଧକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ସାଜନ ଜିନ୍ଦଲ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଆଇସିଏସ୍‌ଆଇ ସଭାପତି ସିଏସ୍ ନଗେନ୍ଦ୍ର ଡି ରାଓ, ଆଇଆଇଏମ୍ ସମ୍ବଲପୁର ବୋର୍ଡ ଚେୟାରମ୍ୟାନ ଅରୁନ୍ଧତୀ ଭଟ୍ଟାଚାର୍ଯ୍ୟ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ୧୮୭ ଜଣ ଛାତ୍ରୀଛାତ୍ରଙ୍କୁ ସମ୍ମାନିତ ଓ ପୁରସ୍କୃତ କରାଯାଇଥିଲା। ପ୍ରିୟଙ୍କା ବାସୁମଲ୍ଲିକ ଓ ଶୁଭମ ଚକ୍ରବର୍ତ୍ତି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ୧୧ ଚାଷୀଙ୍କ ୧୧ ଲକ୍ଷ ମିଳୁନି

**ଏନ୍‌ଏଚ୍‌ଆର୍‌ସିରେ ଅଭିଯୋଗ**

ସମ୍ବଲପୁର,୨୮।୬(ବ୍ୟୁରୋ)

ସମ୍ବଲପୁର ଜିଲା ବାମରା ବ୍ଲକ ଉଟ୍ଟକାପାଟ କ୍ରୟ କେନ୍ଦ୍ରରେ ୧୧ ଜଣ ଚାଷୀ ଖରିଫ ଧାନ ବିକ୍ରି କରି ଟଙ୍କା ପାଇନାହାନ୍ତି। ଏହାକୁ ନେଇ ସେମାନେ ଜାତୀୟ ମାନବାଧିକାର କମିଶନ (ଏନ୍‌ଏଚ୍‌ଆର୍‌ସି)ର ଦ୍ୱାରସ୍ଥ ହୋଇଛନ୍ତି। ଚାଷୀମାନଙ୍କ ତରଫରୁ ସ୍ଥାନୀୟ ଜୟ କିଶାନ ଆଦିମ କୃଷକ ସଂଗଠନ ଆବାହକ ଯୋଗ ବିହାରୀ ପରିଡା ଏହି ଅଭିଯୋଗ କରିଛନ୍ତି। ଅଭିଯୋଗ କ୍ରମେ ଗତ ଖରିଫ ସମୟରେ ଉଟ୍ଟକାପାଟ ଅଞ୍ଚଳର ଚାଷୀଙ୍କ ଧାନ ସ୍ଥାନୀୟ ଏକ ଏସ୍‌ଏଚ୍‌ଜି ଜରିଆରେ ଯୋଗାଣ ବିଭାଗ ସଂଗ୍ରହ କରିଥିଲା। ୧୧ ଜଣ ଚାଷୀଙ୍କ ୬୩୯.୩୪ କୁଇଣ୍ଟାଲ ଧାନର ପ୍ରାପ୍ୟ ୧୧,୯୪,୨୮୭ ଟଙ୍କା ମିଳିନାହିଁ।

## ମାଟ୍ରିକ ପରୀକ୍ଷା ମୂଲ୍ୟାୟନରେ ଅସନ୍ତୋଷ


ସମ୍ବଲପୁର ସିଦ୍ଧେଶ୍ୱର ବେର୍ଣ୍ଣା ଶିଶୁମନ୍ଦିର ସମ୍ମୁଖରେ ଛାତ୍ରୀଛାତ୍ର ଓ ଅଭିଭାବକମାନେ ଆନ୍ଦୋଳନ କରୁଛନ୍ତି ।

ସମ୍ବଲପୁର,୨୮।୬ (ବ୍ୟୁରୋ)

ମାଟ୍ରିକ ପରୀକ୍ଷା ମୂଲ୍ୟାୟନରେ ଅସନ୍ତୋଷ ପ୍ରକାଶ କରି ସୋମବାର ଛାତ୍ରୀଛାତ୍ର ଓ ଅଭିଭାବକମାନେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିଛନ୍ତି। ସେମାନେ ପୂର୍ବାହ୍ନ ୯ଟାରୁ ପ୍ରାୟ ଅପରାହ୍ନ ସାଢେ ୨ଟା ପର୍ଯ୍ୟନ୍ତ ସମ୍ବଲପୁର ସିଦ୍ଧେଶ୍ୱର ବେର୍ଣ୍ଣା ସରସ୍ୱତୀ ଶିଶୁବିଦ୍ୟାମନ୍ଦିର ମୁଖ୍ୟ ଫାଟକ ଆଗରେ ଧାରଣା ଦେଇଥିଲେ। ଘଟଣାସ୍ଥଳରେ ଟାଉନ ଥାନା ପୋଲିସ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିଥିଲେ। ଅଭିଭାବକ ଓ ଛାତ୍ରୀଛାତ୍ରଙ୍କ ଲିଖିତ ଦାବିକୁ ସ୍କୁଲ କର୍ତ୍ତୃପକ୍ଷ ବୋର୍ଡ ଅଫିସକୁ ପ୍ରେରଣ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

## ୧୦୬ କୋଟି ଟଙ୍କାର ଜାଲ୍ ବିଲ୍ ର୍‍ୟାକେଟ

**ମୁଖ୍ୟ ଅଭିଯୁକ୍ତ ସ୍ମୃତିରଞ୍ଜନ ରାଜଧାନୀରୁ ଗିରଫ**

ଭୁବନେଶ୍ୱର,୨୮।୬(ବ୍ୟୁରୋ)

ନା ନିଜେ କୌଣସି ସାମଗ୍ରୀ କିଣୁଛନ୍ତି, ନା ବିକୁଛନ୍ତି। କେବଳ ଜାଲ୍ କାଗଜପତ୍ରରେ କମ୍ପାନୀ କରି ଜାଲ୍ ବିଲ୍ ପ୍ରସ୍ତୁତ କରୁଛନ୍ତି। ଏହା ମାଧ୍ୟମରେ ଶହ ଶହ କୋଟି ଟଙ୍କାର ଜିଏସ୍‌ଟି ଠକେଇ କରୁଛନ୍ତି ଅସାଧୁ ବ୍ୟବସାୟୀ। ରାଜ୍ୟ ଜିଏସ୍‌ଟି ଏନ୍‌ଫୋର୍ସମେଣ୍ଟ ୱିଙ୍ଗ୍ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ସୋମବାର ଏକ ବଡ଼ଧରଣର ଜାଲ୍ ବିଲ୍ ର୍‍ୟାକେଟକୁ ଧରିଛି। ଏହି ର୍‍ୟାକେଟର ମାଷ୍ଟରମାଇଣ୍ଡ ଭୁବନେଶ୍ୱର ବାପୁଜୀନଗରରେ ରହୁଥିବା ସ୍ମୃତି ରଞ୍ଜନ ସାହୁଙ୍କୁ ଗିରଫ କରାଯାଇଛି। ସ୍ମୃତି ରଞ୍ଜନ ଅନ୍ୟ ସହଯୋଗୀଙ୍କ ସହ ମିଶି ୧୪ଟି ଜାଲ୍ କମ୍ପାନୀ ଖୋଲି ୧୦୬ କୋଟି ଟଙ୍କାର ଜାଲ୍ କ୍ରୟ ବିକ୍ରୟ ବିଲ୍ ମାଧ୍ୟମରେ ୧୯.୪ କୋଟି ଟଙ୍କାର ଇନ୍‌ପୁଟ୍ ଟ୍ୟାକ୍ସ କ୍ରେଡିଟ୍ ହାତେଇବା ସହ ସରକାରଙ୍କୁ ଠକିଛନ୍ତି। ଏହି ର୍‍ୟାକେଟ୍‌ରେ ସମ୍ପୃକ୍ତ ଅନ୍ୟମାନଙ୍କୁ ଗିରଫ କରିବାକୁ ଏନ୍‌ଫୋର୍ସମେଣ୍ଟ ୱିଙ୍ଗ ପକ୍ଷରୁ ସ୍ମୃତି ରଞ୍ଜନଙ୍କୁ ଜେରା କରାଯାଉଛି। ଏଥିସହିତ ତାଙ୍କର ଏହି ଜାଲ୍ କାରବାରର ଲିଙ୍କ୍ ରାଜ୍ୟ ବାହାରକୁ ଲମ୍ବିଥିବା ଜଣାପଡିବା ପରେ ତନାଘନା ଆରମ୍ଭ ହୋଇଛି।

ବାଣିଜ୍ୟକର ଓ ଜିଏସ୍‌ଟି କମିଶନରେଟ ଓଡ଼ିଶା ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ, ସ୍ମୃତିରଞ୍ଜନ ତାଙ୍କ ସହଯୋଗୀଙ୍କ ସହ ମିଶି ଅନୁଗୋଳ, ଯାଜପୁର, ରାଉରକେଲା, ଜଗତ୍‌ସିଂହପୁର, ଭୁବନେଶ୍ୱର ଓ ପାରାଦୀପ ଅଞ୍ଚଳରୁ ବିଭିନ୍ନ ଲୋକଙ୍କ ବ୍ୟାଙ୍କ ଓ ଅନ୍ୟାନ୍ୟ କାଗଜପତ୍ର ହାସଲ କରିଥିଲେ। ମୁଖ୍ୟତଃ ସେମାନେ କୃଷକ, ଗୃହିଣୀ, ଛୋଟ ଦୋକାନୀ, ବେକାର ଯୁବତୀ ଯୁବକ, ଦିନ ମଜୁରିଆ, ଅଟୋ ଚାଳକ ଆଦି ଶ୍ରେଣୀର ଲୋକଙ୍କୁ ପ୍ରଲୋଭନ ଦେଖାଇ କାଗଜପତ୍ର ହାତେଇବା ପରେ ସେମାନଙ୍କ ନାମରେ ବିଭିନ୍ନ ବ୍ୟାଙ୍କରେ ଆକାଉଣ୍ଟ ଖୋଲି ନିଜେ ଆକ୍ସେସ୍ କରୁଥିଲେ। ଏହା ସାହାଯ୍ୟରେ ସ୍ମୃତିରଞ୍ଜନ ସେମାନଙ୍କ ନାମରେ ୧୪ଟି ନକଲି ଫାର୍ମ ଖୋଲି ଜାଲ୍ ଜିଏସ୍‌ଟି ପ୍ରସ୍ତୁତ କରୁଥିଲେ। ଜାଲ୍ କାଗଜପତ୍ରରେ ବରମୁଣ୍ଡା ଅଞ୍ଚଳରେ ଏସ୍.ଆର୍. ଏଣ୍ଟରପ୍ରାଇଜେସ୍ ନାମକ ଏକ ଆଇରନ୍ ଓ ଷ୍ଟିଲ୍ କମ୍ପାନୀ ଥିବା ଦର୍ଶାଇ ଠକୁଥିଲେ। ହେଲେ ସେଠାରେ ସେଭଳି କୌଣସି କମ୍ପାନୀ ନ ଥିବା ବେଳେ ସେ ଦେଇଥିବା ଘରଭଡ଼ା ରାଜିନାମା ମଧ୍ୟ ଜାଲ୍‌ଥିବା ଏନ୍‌ଫୋର୍ସମେଣ୍ଟ ୱିଙ୍ଗ୍ ଜାଣିବାକୁ ପାଇଥିଲା। ଏହାପରେ ଟିମ୍ ପକ୍ଷରୁ ୬ମାସରୁ ଊର୍ଦ୍ଧ୍ୱ ହେବ ତାଙ୍କ ଉପରେ ନଜର ରଖାଯାଇଥିଲା। ରବିବାର ଭୁବନେଶ୍ୱରରେ ଥିବା ସ୍ମୃତିରଞ୍ଜନଙ୍କ ୩ଟି ଘରେ ଏକ ସଙ୍ଗେ ଚଢ଼ାଉ କରାଯାଇଥିଲା। ବାପୁଜୀନଗରସ୍ଥିତ ଘରୁ ତାଙ୍କୁ ଏନ୍‌ଫୋର୍ସମେଣ୍ଟ ଟିମ୍ ଗିରଫ କରିଥିଲା। ଠକେଇ ଟଙ୍କାରେ ସ୍ମୃତି ରଞ୍ଜନ ବିଳାସମୟ ଜୀବନ ବିତାଉଥିଲେ। ଭୁବନେଶ୍ୱରରେ ତାଙ୍କର ୩ ଘର, ଏକ ଭଡ଼ା ଘର, ସ୍ତ୍ରୀଙ୍କ ନାମରେ ଏକ କ୍ଲିନିକ ଓ ୪ଟି ଦାମୀ କାର ରହିଥିବା ଯାଞ୍ଚବେଳେ ଜଣାପଡିଛି।

ସୂଚନାଯୋଗ୍ୟ, ରାଜ୍ୟ ଏନ୍‌ଫୋର୍ସମେଣ୍ଟ ୱିଙ୍ଗ୍ ବର୍ତ୍ତମାନ ସୁଦ୍ଧା ଏଭଳି ଠକେଇ କରିଥିବା ୧୮ଜଣଙ୍କୁ ଗିରଫ କରିଛି। ଏହାବାଦ୍ ରାଜ୍ୟ ଜିଏସ୍‌ଟି ବିଭାଗ ଦ୍ୱାରା ଗତ ଦୁଇବର୍ଷରେ ୧୯,୫୩୯ଜଣ ବ୍ୟବସାୟୀଙ୍କ ପଞ୍ଜୀକରଣକୁ ରଦ୍ଦ କରାଯାଇଛି।

## ଅନନ୍ୟ ପ୍ରତିଭା, ନିଷ୍ଠାର ପ୍ରତୀକ ଧୂର୍ଜଟି ଦାସ

**ରାଜନୈତିକ, ସାମାଜିକ ଅନୁଷ୍ଠାନ ସାମିଲ**

ସମ୍ବଲପୁର,୨୮।୬ (ବ୍ୟୁରୋ)

ସୋସାଲିଷ୍ଟ ୟୁନିଟ୍ ସେଣ୍ଟର ଅଫ୍ ଇଣ୍ଡିଆ କମ୍ୟୁନିଷ୍ଟ (ଏସ୍‌ୟୁସିଆଇ) ଓଡ଼ିଶା ରାଜ୍ୟ ସମ୍ପାଦକ ଭାବେ ଦୀର୍ଘବର୍ଷ ଧରି ଧୂର୍ଜଟି ଦାସ କାର୍ଯ୍ୟ କରିଆସିଥିଲେ। ସେ ଥିଲେ ନିଷ୍ଠା ଓ ଅନନ୍ୟ ପ୍ରତିଭାର ପ୍ରତୀକ। ଛାତ୍ର ରାଜନୀତିରୁ ସେ ନିଜର ପରିଚୟ ସୃଷ୍ଟି କରିପାରିଥିଲେ। ବହୁ ଛାତ୍ର ଯୁବନେତା ତାଙ୍କ ପ୍ରେରଣାରେ ଆସି ସମାଜ ପାଇଁ କାମ କରିଥିଲେ। ଓଡ଼ିଶାର ପ୍ରଗତିଶୀଳ ଓ ଗଣତାନ୍ତ୍ରିକ ଆନ୍ଦୋଳନରେ ତାଙ୍କର ଭୂମିକା ଅତୁଳନୀୟ ଥିଲା ବୋଲି ଭର୍ଚୁଆଲ ଜରିଆରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ମତପ୍ରକାଶ ପାଇଥିଲା। ସଭାରେ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସ, ବରଗଡ ଏମ୍‌ପି ସୁରେଶ ପୂଜାରୀ, ରାଜ୍ୟ ସଭା ସଦସ୍ୟ ପ୍ରସନ୍ନ ଆଚାର୍ଯ୍ୟ, ପୂର୍ବତନ ଏମ୍‌ପି ଭବାନୀଶଙ୍କର ହୋତା, ସିପିଆଇ ଜାତୀୟ କାର୍ଯ୍ୟକାରୀ କମିଟି ସଭ୍ୟ ରାମକୃଷ୍ଣ ପଣ୍ଡା, ଏଆଇଟିୟୁସି ରାଜ୍ୟ ସଭାପତି ଅଶୋକ ଦାଶ, ଅର୍ଥନୀତିଜ୍ଞ ଦିଲୀପ କୁମାର ପଣ୍ଡା, ଖବରକାଗଜ ପୂର୍ବତନ ସମ୍ପାଦକ ବାମପଦ ତ୍ରିପାଠୀ, ପୂର୍ବତନ ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀ, ପୂର୍ବତନ ବିଧାୟକ ରବି ପାଣିଗ୍ରାହୀ, ଜିଲା ଓକିଲ ସଂଘ ସମ୍ପାଦକ ରବି ପୂଜାରୀ, ପୂର୍ବତନ ଏସ୍‌ଡିଏ ଅଧକ୍ଷ ବିଜୟ କୁମାର ମହାନ୍ତି, ଓଡ଼ିଶା କୃଷକ ସଂଗଠନ ସମନ୍ୱୟ ସମିତି ଆବାହକ ଲିଙ୍ଗରାଜ ପ୍ରଧାନ, ଖବରଦାତା ପ୍ରମୋଦ ପଟ୍ଟନାୟକ, ଗାର୍ଗି ଶତପଥୀ, ରେଣୁବାଳା ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ସମଗ୍ର ରାଜ୍ୟରୁ ବିଭିନ୍ନ ରାଜନୈତିକ ବ୍ୟକ୍ତି, ବିଭିନ୍ନ ସାମାଜିକ ଅନୁଷ୍ଠାନର ସଦସ୍ୟ, ସାମାଜିକ କର୍ମୀ ଭର୍ଚୁଆଲରେ ସାମିଲ ହୋଇଥିଲେ।

## ଗୋହତ୍ୟା ବନ୍ଦ ଦାବିରେ ଧନୁପାଲି ଥାନା ଘେରିଲା ମହିଳା ସମିତି

ସମ୍ବଲପୁର,୨୮।୬ (ବ୍ୟୁରୋ)

ସମ୍ବଲପୁର ଗୋ ରକ୍ଷା ମହିଳା ସମିତି ସୋମବାର ଗୋ ହତ୍ୟା ବନ୍ଦ ଦାବିରେ ଧନୁପାଲି ଥାନା ଘେରାଉ କରି ସ୍ମାରକପତ୍ର ପ୍ରଦାନ କରିଛି। ଜିଲାରେ ଗୋ ହତ୍ୟା, କଂସେଇଖାନା, ଗାଈ ଚମଡା ବିକ୍ରି ବନ୍ଦ ସହ ସମ୍ପୃକ୍ତ ବ୍ୟକ୍ତିମାନଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଥିଲେ। ସମିତି ସଭାନେତ୍ରୀ ଅନ୍ନପୂର୍ଣ୍ଣା ବାରିକଙ୍କ ନେତୃତ୍ୱରେ ରୁନୁ ପ୍ରଧାନ, ଲକ୍ଷ୍ମୀ ଜେନା, ବିଦ୍ୟୁତପ୍ରଭା ଯୋଶୀ, ପ୍ରଭାସିନୀ ବାଘ, ସୁବର୍ଣ୍ଣ କୁଅଁର, ସୁବର୍ଣ୍ଣ ସାହୁ, ଜ୍ୟୋତି ପଟ୍ଟନାୟକ, ସ୍ନେହଲତା ଦେବୀ, ସୁଜାତା ଗୁରୁ, ଭାରତୀ ପଣ୍ଡା ପ୍ରମୁଖ ସାମିଲ ଥିଲେ।

## ମାନବାଧିକାର କର୍ମୀଙ୍କୁ ଗିରଫ ପ୍ରତିବାଦରେ ପ୍ରତୀକ ଧର୍ମଘଟ

ଝାରସୁଗୁଡ଼ା ଅଫିସ,୨୮।୬

ଝାରସୁଗୁଡ଼ା ପୌର ନିର୍ବାହୀ ଅଧିକାରୀ ଯୋଗେନ୍ଦ୍ର ମାଝିଙ୍କ ଅଭିଯୋଗକୁ ଭିତ୍ତିକରି ଟାଉନ ଥାନା ପୋଲିସ ଗତ ଶୁକ୍ରବାର ମାନବାଧିକାର କର୍ମୀ ସତ୍ୟନାରାୟଣ ରାଓଙ୍କୁ ଗିରଫକରି କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ପରେ ତାଙ୍କୁ ଜେଲ୍ ହାଜତକୁ ପଠାଇ ଦିଆଯାଇଛି । ଏହାର ପ୍ରତିବାଦରେ ସ୍ୱାଭିମାନ ମଞ୍ଚ ତରଫରୁ ସୋମବାର ଝାରସୁଗୁଡା ବସ୍‌ଷ୍ଟାଣ୍ଡ ନିକଟ ଗାନ୍ଧୀମୂର୍ତ୍ତି ତଳେ କୋଭିଡ୍ ନିୟମ ପାଳନକରି ପ୍ରତୀକ ଧର୍ମଘଟ ଆରମ୍ଭ ହୋଇଛି । ଦାବି ସମୂହ ମଧ୍ୟରେ ରହିଛି ମାନବାଧିକାର କର୍ମୀ ରାଓଙ୍କ ବିରୋଧରେ ହୋଇଥିବା ମାମଲାକୁ ନିସର୍ତ୍ତ ପ୍ରତ୍ୟାହର, ଜିଲାରେ କାର୍ଯ୍ୟରତ ସାମାଜିକ କର୍ମୀଙ୍କୁ ସମ୍ମାନ, ଦୁର୍ନୀତିଗ୍ରସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ବହିଷ୍କାର କରି ଏହାର ତଦନ୍ତ କରିବା ଆଦି ଅନ୍ୟତମ। ଦାବି ପୂରଣ ନହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ସ୍ୱାଭିମାନ ମଞ୍ଚର ଆବାହକ ଦେବାନନ୍ଦ ବାରିକ ଚେତାବନୀ ଦେଇଛନ୍ତି। ଏଥିରେ ଜିଲା କଂଗ୍ରେସ ସଭାପତି ଭରତ ଅଗସ୍ତି, ଉପସଭାପତି ସୀୟାରାମ ଦାସ, ସାଧାରଣ ସମ୍ପାଦକ ମନୀଷ ବାଜପେୟୀ, ଭାଜପା ରାଜ୍ୟ ସମ୍ପାଦକ ଟଙ୍କଧର ତ୍ରିପାଠୀ, ଜିଲା ସଭାପତି ମଙ୍ଗଳ ସାହୁ, ମାନବାଧିକାରୀ କର୍ମୀ ରବି ସୋନୀ, ହରିଶଙ୍କର ସାହୁ, ରତ୍ନାକର ପ୍ରଧାନ, ସଂଗ୍ରାମ ମହାନ୍ତି ପ୍ରମୁଖ ଉପସ୍ଥିତରହି ଜିଲା ପ୍ରଶାସନ ଓ ପୋଲିସ ପ୍ରଶାସନର ମନମୁଖୀ କାର୍ଯ୍ୟକୁ ସମାଲୋଚନା କରିଥିଲେ।


ଧାରଣାରେ ବସିଥିବା ବିଭିନ୍ନସଙ୍ଗଠନର କର୍ମକର୍ତାମାନେ।

## ଏମ୍‌ସିଏଲ୍ ବିସ୍ଥାପିତ ଗ୍ରାମବାସୀଙ୍କ ଅନଶନ

**ସମର୍ଥନ ଜଣାଇଲେ ଅନ୍ୟ ଗ୍ରାମର ବିସ୍ଥାପିତ**

ଝାରସୁଗୁଡ଼ା ଅଫିସ,୨୮।୬

୯ଦଫା ଦାବିନେଇ ମହାନଦୀ କୋଲ୍‌ଫିଲ୍ଡ (ଏମ୍‌ସିଏଲ୍) ବିସ୍ଥାପିତ ଦର୍ଲିପାଲି ଗ୍ରାମବାସୀ ସୋମବାର ଲଖନପୁର କ୍ଷେତ୍ର ମହାପ୍ରବନ୍ଧକ (ସିଜିଏମ୍) କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନରେ ବସିଛନ୍ତି। ଲଖନପୁର କୋଇଲାଖଣି ବିସ୍ଥାପିତ ସଂଗ୍ରାମ ସମିତି ନେତୃତ୍ୱରେ ଦର୍ଲିପାଲି, ଖଇରକୁନି, ଟିଙ୍ଗିସମାଲ୍, ଉବୁଡା ଓ ଯୋରାବଗା ଆଦି ବିସ୍ଥାପିତ ଗ୍ରାମର ଶତାଧିକ ମହିଳାପୁରୁଷ ଆନ୍ଦୋଳନକୁ ସମର୍ଥନ ଜଣାଇ ବିଓସିଏମ୍ ଛକରୁ ଶୋଭାଯାତ୍ରାରେ ବାହାରି ସିଜିଏମ୍‌ଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ । ସେଠାରେ ସଂଗ୍ରାମ ସମିତି ସଭାପତି ବିରଞ୍ଚି ସାହୁଙ୍କ ନେତୃତ୍ୱରେ ବିକ୍ଷୋଭ ପ୍ରଦର୍ଶନ ସହ ଏମ୍‌ସିଏଲ୍


ବିସ୍ଥାପିତମାନେ ଆମରଣ ଅନଶନରେ ବସିଛନ୍ତି।

ବିରୋଧୀ ସ୍ଲୋଗାନ ଦେଇଥିଲେ। ପରେ ସେମାନେ ଅନଶନରେ ବସିଥିଲେ। ଏଥିରେ ଅମୋଦ ଓରାମ, ଲବ ଓରାମ, ମମତା ସିଂହ ଓ କୈକେୟୀ ଓରାମ ପ୍ରମୁଖ ସାମିଲ ହୋଇଛନ୍ତି। ହୀରାକୁଦ ବୁଡିଅଞ୍ଚଳ ସଂଗ୍ରାମ ସମିତି ସଭାପତି ବାସୁଦେବ ଭୋଇ ମହାତ୍ମା ଗାନ୍ଧୀଙ୍କ ଫଟୋଚିତ୍ର ନିକଟରେ ପ୍ରଦୀପ ପ୍ରଜ୍ୱଳନ କରି ଆନ୍ଦୋଳନ ଆରମ୍ଭ କରିଥିଲେ। ଧାରଣା ସ୍ଥଳରେ କଂଗ୍ରେସ ଓ ବିଜେଡିର କର୍ମକର୍ତ୍ତା ପହଞ୍ଚି ସମର୍ଥନ ଜଣାଇଥିଲେ। ଏଥିରେ ବିସ୍ଥାପିତ ସଂଗ୍ରାମ ସମିତି ସଭାପତି ସାହୁ, ସାଧାରଣ ସମ୍ପାଦକ ଗୋପୀନାଥ ମାଝି, କଂଗ୍ରେସ ବରିଷ୍ଠ କର୍ମୀ ସୁବ୍ରତ ପ୍ରଧାନ, ବିଧାୟକ ପ୍ରତିନିଧି ସଞ୍ଜିତ ପ୍ରଧାନ, ଘନଶ୍ୟାମ ବାରିକ, ସୁମିତ୍ରା ପେରେ, ଆଲୋକ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ରହି ବକ୍ତବ୍ୟ ରଖିଥିଲେ। ବେଲପାହାଡ ହସ୍ପିଟାଲ ଡାକ୍ତର ଅଶ୍ୱିନୀ ସା ଧାରଣାସ୍ଥଳରେ ପହଞ୍ଚି ଅନଶନକାରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ସୂଚନାଯୋଗ୍ୟ କଟ୍ ଅଫ୍ ଡେଟ୍ ପରିବର୍ତ୍ତନ, ସ୍ଥାୟୀ ନିଯୁକ୍ତି, ଉପଯୁକ୍ତ ଥଇଥାନ, କ୍ଷତିପୂରଣ ଆଦି ଦାବି ନେଇ ଅନଶନ କରାଯାଇଛି ।